# ଧରାପୃଷ୍ଠରୁ ବାହୁଡ଼ିଲେ ମା’

## ଭସାଣି ଉତ୍ସବରେ ମୁଖରିତ ରାଜଧାନୀ



କୁଆଖାଇ ଅସ୍ଥାୟୀ ପୁଷ୍କରିଣୀରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଉଛି।

**ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)**

୫ଦିନଧରି ପୂଜାର୍ଚ୍ଚନା ପରେ ବୁଧବାର ଏକାଦଶୀ ଅବସରରେ ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ମା’। ରାଜଧାନୀର ଶତାଧିକ ପୂଜା ମଣ୍ଡପରେ ମା’ଦୁର୍ଗାଙ୍କ ଆବାହନଠାରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ଧୁମ୍‌ଧାମ୍‌ରେ ସମାପନ ହୋଇଛି। ବିରାଟ ଶୋଭାଯାତ୍ରାରେ ବିଭିନ୍ନ ପୂଜାକମିଟି ପକ୍ଷରୁ ମା’ଙ୍କ ମେଢ଼ ବାହାରି ନଗର ପରିକ୍ରମା କରିଥିଲା। କେଉଁଠି ମାଦଳ, ଘଣ୍ଟ ଘଣ୍ଟା, ଘୋଡ଼ା ଓ ବାଘ ନାଚ ତ ଆଉ କେଉଁଠି ଡିଜେର ତାଳେ ତାଳେ ଯୁବପିଢ଼ିଙ୍କ ନୃତ୍ୟ ସମ୍ପୂର୍ଣ୍ଣ ପରିବେଶକୁ ରଙ୍ଗିନ କରିଦେଇଥିଲା। ଅପରପକ୍ଷରେ ମା’ଙ୍କୁ ବିଦାୟ ଦେଉଥିବାବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭାବବିହ୍ୱଳ ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା। ମୂର୍ତ୍ତିଗୁଡ଼ିକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରାଯାଇଥିଲା। କୁଆଖାଇ ପଠାରେ ହୋଇଥିବା ଜଳାଶୟରେ ପ୍ରାୟ ୧୧୦ଟି ମୂର୍ତ୍ତି ବିସର୍ଜନ ହୋଇଥିବାବେଳେ ଦୟାନଦୀ ପଠାରେ ହୋଇଥିବା ଅସ୍ଥାୟୀ ଜଳାଶୟରେ ପ୍ରାୟ ୮୦ଟି ମୂର୍ତ୍ତି ବିସର୍ଜନ କରାଯାଇଛି।

ପୂର୍ବାହ୍ନ ୧୦ଟାରୁ ବିଭିନ୍ନ ପୂଜା କମିଟି ପକ୍ଷରୁ ବିସର୍ଜନ ପର୍ବ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଭସାଣି ଉତ୍ସବ ସମିତି ପକ୍ଷରୁ ଆୟୋଜିତ ଭସାଣିରେ ମୋଟ ୨୬ଟି ମେଢ଼ ଭାଗ ନେଇଥିଲେ। ଶହୀଦନଗରଠାରେ ସବୁମେଢ଼ ଏକାଠି ହେବା ପରେ ଭସାଣି ଶୋଭାଯାତ୍ରାରେ ବାହାରିଥିଲେ। ଏନେଇ ସମିତିର ସଭାପତି ସଚ୍ଚିଦାନନ୍ଦ ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଭିନ୍ନ ପାରମ୍ପରିକ ବାଦ୍ୟ, ନୃତ୍ୟ ସହ ଡିଜେକୁ ଏହି ଉତ୍ସବରେ ସାମିଲ କରାଯାଇଥିଲା। ଅପରାହ୍ନ ୫ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ବାଣୀବିହାର ଛକରୁ ରାଜମହଲ ପର୍ଯ୍ୟନ୍ତ ଭସାଣି ପ୍ରଦର୍ଶନ ଚାଲିଥିଲା।



ଭୁବନେଶ୍ୱର ଭସାଣି ଉତ୍ସବ ସମିତି ପକ୍ଷରୁ ଆୟୋଜିତ ଭସାଣି ଉତ୍ସବରେ ସାମିଲ ହେବାକୁ ମେଢ଼ଗୁଡିକ ଯାଉଥିବାବେଳେ ବାଣୀବିହାର ଓଭରବ୍ରିଜ୍ ଉପରୁ ଭସାଣି ଶୋଭାଯାତ୍ରାର ଦୃଶ୍ୟ।

ସେହିପରି ଅପରାହ୍ନ ୫ଟାରେ ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି ସମିତି ପକ୍ଷରୁ ୧୮ଟି ମେଢ଼ ନୂଆପଲ୍ଲୀ ପୂଜାମଣ୍ଡପ ନିକଟରେ ଏକତ୍ରିତ ହୋଇ ସେଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଡିଜେ ମ୍ୟୁଜିକ ସହ ପାରମ୍ପରିକ ବାଦ୍ୟର ତାଳେ ତାଳେ ଖୁବ୍ ଧୁମଧାମରେ ମା’ଙ୍କ ମେଢ଼ଗୁଡ଼ିକ ସହର ପରିକ୍ରମା କରିବା ପରେ କୁଆଖାଇରେ ମା’ଙ୍କୁ ମେଲାଣି ଦିଆଯାଇଥିଲା। ପ୍ରଶାସନିକ ସୁବିଧା, ଯାତାୟାତ ଏବଂ ମୂର୍ତ୍ତିର ସଂଖ୍ୟାକୁ ଦୃଷ୍ଟିରେ ରଖି କୁଆଖାଇ ଏବଂ ଦୟା ନଦୀ ପଠାରେ ୪ଟି ଅସ୍ଥାୟୀ ପୋଖରୀ ପ୍ରସ୍ତୁତ କରାଯାଇଥିଲା। କୁଆଖାଇର ପାଣ୍ଡରା ଆଡ଼କୁ ଗୋଟିଏ ପୋଖରୀ କରାଯାଇଥିବାବେଳେ ଆଉ ଗୋଟିଏ ପୋଖରୀ ହଂସପାଳ ଦିଗରେ କରାଯାଇଥିଲା। ମୂର୍ତ୍ତି ବିସର୍ଜନ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଅଧିକାରୀମାନେ ନିୟୋଜିତ ହୋଇଥିବାବେଳେ ହାଇଡ୍ରୋଲିକ୍ କ୍ରେନ୍ ଏବଂ ଜେସିବି, ହର୍ଷପାଓ୍ୱାର(ଏଚ୍‌ପି) ଓ୍ୱାଟର ପମ୍ପସେଟ୍ ରଖାଯାଇଥିଲା। ସମ୍ପୃକ୍ତ ଅଞ୍ଚଳକୁ ଆଲୋକୀକରଣ ମଧ୍ୟ କରାଯାଇ ଥିଲା। ବିଏମ୍‌ସିର ସାନିଟେଶନ ୱିଙ୍ଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭସାଣି କାର୍ଯ୍ୟ ହୋଇଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ୩୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ ତଥା ଯାତାୟାତ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପାଇଁ ଭସାଣି ପାଇଁ ନିର୍ଦ୍ଦିଷ୍ଟ ରୁଟ୍‌ରେ ଭସାଣି ଯାତ୍ରାର ଆୟୋଜନ କରାଯିବା ସହ ସମ୍ପୃକ୍ତ ରାସ୍ତାରେ ଯାନାବାହନ ଚଳାଚଳ ବନ୍ଦ କରାଯାଇ ବିକଳ୍ପ ରାସ୍ତାରେ ଯାତାୟାତ ହୋଇଥିଲା। ଭସାଣି କାର୍ଯ୍ୟକୁ ଡିସିପି ପ୍ରତୀକ ସିଂ ତଦାରଖ କରିଥିଲେ।



ନୟାପଲ୍ଲୀ ଭସାଣି ଉତ୍ସବରେ ଶ୍ରଦ୍ଧାଳୁଙ୍କ ମେଳରେ ଧାଡ଼ିରେ ରହିଥିବା ମେଢ଼।



ବରମୁଣ୍ଡା ଦୁର୍ଗା ପୂଜା ସମିତି ପକ୍ଷରୁ ଅନୁଷ୍ଠିତ ରାବଣ ପୋଡ଼ି।





ଭସାଣି ଶୋଭାଯାତ୍ରାରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଦଳ ଓ କଳାକାରମାନେ କଳା ପ୍ରଦର୍ଶନ କରୁଛନ୍ତି।





କାଳିବାଡ଼ି ପୂଜା ମଣ୍ଡପରେ ମା’ଙ୍କୁ ପୂଜାର୍ଚ୍ଚନା ସହ ମହିଳାମାନେ ସିନ୍ଦୁର ଖେଳୁଛନ୍ତି।

## ଏକାମ୍ର ଭସାଣି ଶୋଭାଯାତ୍ରାରେ ୨୫ ମେଢ଼

**ପୁରୁଣା ଭୁବନେଶ୍ୱର,୨୫।୧୦**
**(ସୁବାସ ଚନ୍ଦ୍ର ପ୍ରଧାନ)**



ମା’ ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକାମ୍ରର ପ୍ରାୟ ୨୫ଟି ମେଢ଼ ଭସାଣି ଶୋଭାଯାତ୍ରାରେ ଗୋସାଗରେଶ୍ୱରଠାରେ ଏକାଠି ହୋଇଥିଲେ। ସେଠାରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ମଣ୍ଡପର ମେଢ଼ଗୁଡିକୁ ତିନିମୁଣ୍ଡିଆ ଛକ, ବଡେଇବାଙ୍କ, ରଥଖଳା, ଲିଙ୍ଗରାଜ ମନ୍ଦିର ମୁଖଶାଳା, ଇଲେକ୍ଟ୍ରି ଅଫିସ ଓ ସାମନ୍ତରାୟପୁର ଦେଇ ଦୟା ବ୍ରିଜ୍ ତଳେ ଖନନ କରାଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ଭସାଣି ପାଇଁ ଏକାମ୍ର ମେଗା ଯୋଜନାରେ ଶ୍ରୀଲିଙ୍ଗରାଜ ମନ୍ଦିର ମୁଖଶାଳା ରାସ୍ତାକୁ ଖୋଲିଦେବାରୁ ଯାତ୍ରୀ ଏବଂ ପର୍ଯ୍ୟଟକ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହୋଇଥିଲେ। ବିଏମ୍‌ସି ଡାକ୍ତରଖାନା ଏବଂ ଶ୍ରୀଲିଙ୍ଗରାଜ ମନ୍ଦିରକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାର ପ୍ରତି ସାହି ନିକଟରେ ରାସ୍ତା ସଙ୍କୁଚିତ କରି ତୋରଣ ନିର୍ମାଣ ସାଙ୍ଗକୁ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନର ବିଜ୍ଞାପନ ତୋରଣରେ କରାଯାଇଥିଲା। ସେହି ରାସ୍ତାରେ ଶୋଭାଯାତ୍ରାବେଳେ ସାଧାରଣ ଯାତ୍ରୀଙ୍କ ଯିବାଆସିବା ପାଇଁ କୌଣସି ବ୍ୟବସ୍ଥା ନ ଥିଲା। ସ୍ଥାନୀୟ ବାସିନ୍ଦା ଗୌରୀଶଙ୍କର ଶତପଥୀ କୁହନ୍ତି, ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ସମୟରେ ରାସ୍ତାରେ ଗାଡ଼ି ଯିବାକୁ ବ୍ୟବସ୍ଥା ହୋଇଥାଏ, ହେଲେ ଭସାଣିରେ ତାହା ନାହିଁ। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ୬୫ ଡେସିବେଲରୁ କମ୍‌ରେ ଡିଜେ ବଜାଇବାକୁ କଟକଣା ରହିଥିଲେ ମଧ୍ୟ ତାହା ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିଲା। କଟପା ବେଶଭୂଷାରେ ଶୋଭାଯାତ୍ରାରେ ଯାଉଥିବା ସୁନୀଲ ମହାନନ୍ଦଙ୍କୁ ଦେଖିବାକୁ ବେଶ୍ ଭିଡ଼ ଜମିଥିଲା। ଦୟା ବ୍ରିଜ୍ ଉପରେ ବିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଜଗି ରହିଥିବାବେଳେ ଅମାନିଆମାନେ ଛୋଟ ଛୋଟ ମୂର୍ତ୍ତିକୁ ନଦୀକୁ ପକାଉଥିବା ଦେଖିବାକୁ ମିଳିଥିଲା। ଅନେକ ମଣ୍ଡପର କର୍ମଚାରୀ ମା’ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଅଶାଳୀନ ଭାବେ ବିସର୍ଜନ କରୁଥିବା ନଜରକୁ ଆସିଥିଲା।





ଏକାମ୍ର
ଭସାଣି ଶୋଭାଯାତ୍ରାରେ
ସାମିଲ ହୋଇଥିବା ମେଢ

**ସଂକ୍ଷେପରେ**

## ମେଲାଣି ନେଲେ ମା' ଜଗଜ୍ଜନନୀ



ଖୋର୍ଦ୍ଧା, ୨୫ା୧୦(ପ୍ରଭାତ ପାଣିଗ୍ରାହୀ)

ଧରାପୃଷ୍ଠରୁ ମେଲାଣି ନେଲେ ମା' ଜଗତ ଜନନୀ ଏବଂ ହରପାର୍ବତୀ। ବୁଧବାର ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା ଭଷାଣି। ଟିଏଲ୍‌ସି ଛକ ଅସ୍ଥାୟୀ ଖଣି ପୋଖରୀରେ ମେଢ ବିସର୍ଜନ କରାଯାଇଛି। ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଗୁରୁଜଙ୍ଗ, ପୁରୁଣା ଦମକଳ ରୋଡ, କଣ୍ଟାଛକରେ ଦୁର୍ଗାପୂଜା ଏବଂ ଟ୍ରାଫିକ ଛକ, ୪୦୭ ଷ୍ଟାଣ୍ଡ, ମାଛ ମାର୍କେଟ, ତଳ ସାହିରେ ହରପାର୍ବତୀ ପୂଜା ଅନୁଷ୍ଠିତ ହୋଇଥିଲା। ମହାଷ୍ଟମୀଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ପ୍ରବଳ ଭିଡ଼ ହୋଇଥିଲା। ପୂଜାମଣ୍ଡପଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଇଗଲ କ୍ଲବ ପକ୍ଷରୁ ଆୟୋଜିତ ଓଲିଉଡ ନାଇଟରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ମନଛୁଆଁ ଭକ୍ତି ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସେହିପରି ଖୋର୍ଦ୍ଧା କ୍ଲବରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଜା କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ରହିଥିଲା।

## ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ୧୨୭ତମ ଜୟନ୍ତୀ

ବାଲକାଟୀ, ୨୫ା୧୦(ମନୋଜ ମଣ୍ଡଳ)

ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ର ୧୨୭ତମ ଜୟନ୍ତୀ ଉତ୍ସବ ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ମା' ଦୁଲ୍ଲାଦେବୀ ପୀଠରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ତାଙ୍କର ସୁପୁତ୍ର ସନ୍ତୋଷ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ପ୍ରଫେସର କୀର୍ତ୍ତନ ପାତ୍ର, ଶିକ୍ଷାବିତ ଡ. ରଜନୀ ରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର ସାମନ୍ତରାୟ, ମନୋଜ ନାୟକ, ଜୟନ୍ତୀ କମିଟି ସମ୍ପାଦକ ଅଜିତ ଦାଶ, ସାମାଜିକ



କର୍ମୀ ବେଣୁଧର ଭୋଇ, ସମିତି ସଭ୍ୟ ଗଙ୍ଗାଧର ମହାରି, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କପିଳ ମହାରଣା, ବସନ୍ତ କୁମାର ସାହୁ, ବସନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କୋଠିରେ ପୂଜା ପାଉଛନ୍ତି ୩୩ କୋଟି ଦେବଦେବୀ

**ଭିନ୍ନ ଏକ ପରମ୍ପରା**

■ ଆଦିବାସୀଙ୍କ ଗଣପର୍ବ ଢଣ କୋଇଲା

ବେଗୁନିଆ,୨୫।୧୦(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପରିଛଳ, ବଡବେରଣା, ଗୋବିନ୍ଦପୁର ଆଦି କେତେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଢଣ କୋଇଲା ବେଶ୍ ପ୍ରସିଦ୍ଧ। ଏହି ଅବସରରେ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଆଦିବାସୀ ସାହିରେ ବିଜୟା ଦଶମୀଠାରୁ ବହୁ ଆଡ଼ମ୍ବର ସହିତ ଆରମ୍ଭ ହୋଇଛି ଏହି ଢଣ କୋଇଲା ପର୍ବ। ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ମଙ୍ଗଳାଙ୍କ ସେବକମାନେ ମାସ ଯାକ ଆମିଷ ଭକ୍ଷଣ କରନ୍ତି ନାହିଁ। ବିଜୟା ଦଶମୀ ଦିନ ସକାଳୁ ଶୁଭଖୁଣ୍ଟି ପଡିବା ପରେ କୋଠିରେ ଚିତ୍ରକର ୩୩କୋଟି ଦେବଦେବୀଙ୍କ ଚିତ୍ର ଆଙ୍କି ଦେବଦେବୀଙ୍କୁ ଆରାଧନା କରିଥିଲେ। ପରେ ସେବକମାନେ ଗ୍ରାମର ପଶ୍ଚିମମୁଣ୍ଡରେ ଥିବା ପୋଖରୀ ହୁଡ଼ାରେ ଏକାଠି ହୋଇ ପୂଜାପାଠ କରିଥିଲେ। ପୋଖରୀ ମଧ୍ୟରେ ଧଳାରଙ୍ଗର କଇଁ ଫୁଲଟି ଦୋହଲିବା ପରେ ଫୁଲବରଣ କରାଯାଇଥିଲା। ହୁଳହୁଳି ଆଦି ତାଳରେ ସେବକ ରଣଜିତ୍ ନାୟକଙ୍କ ଦେହରେ କାଳିଶି ସବାର ହେବାପରେ ସେବକମାନେ ଫୁଲବରଣକୁ ଘଟ ଦ୍ୱାରା ମୁଣ୍ଡରେ ମୁଣ୍ଡେଇ ମା' ମଙ୍ଗଳାଙ୍କ ପୀଠ ପରିସରକୁ ଆସିଥିଲେ। ପରେ ସାହି ପରିକ୍ରମା କରିଥିଲେ। ଫୁଲବରଣକୁ କୋଠି ଭିତରେ ରଖି ୬ଦିନ ଧରି ପୂଜା କରାଯିବ। ପୂଜକ ଦିଗମ୍ବର ନାୟକ ଦୈନିକ ସନ୍ଧ୍ୟାରେ ପୂଜା ମନ୍ତ୍ର ଓ ଗୀତ ପାଠ କରିବେ। ସେହିପରି ବିଛୁଆତି ପତ୍ର ଦେହରେ ବୋଳିବା, କଣ୍ଟାରେ ଗଡ଼ିବା ଆଦି ଅନେକ କଷ୍ଟକର ଖେଳକୁ ମା'ଙ୍କ ଅପାର କରୁଣାରୁ ସମ୍ଭବ ହୋଇଥାଏ ବୋଲି ସେବକମାନେ କହିଛନ୍ତି। ଏହି ପାରମ୍ପରିକ ପର୍ବ ପାଳନ ସହ ସେବକଙ୍କ ମଧ୍ୟରେ ଭାଇଚାରା ବଜାୟ ରହିଛି ବୋଲି ପ୍ରତୀୟମାନ ହୋଇଥାଏ। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତିରେ ଯାତ୍ରାପାର୍ଟିର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି।



କୋଠିରେ ଶୋଭା ପାଉଛି ପାରମ୍ପରିକ ପଟ୍ଟଚିତ୍ର।

## ସାଇବାବାଙ୍କ ପୀଠରେ ବିଜୟା ଦଶମୀ

ବାଲୁଗାଁ, ୨୫ା୧୦(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟବର୍ତ୍ତୀ ମାମୁ ଭଣଜା ପାହାଡ଼ ପାଦଦେଶରେ ଅବସ୍ଥିତ ଶିରିଡ଼ି ସାଇବାବାଙ୍କ ପୀଠରେ ପବିତ୍ର ବିଜୟା ଦଶମୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସାଇବାବାଙ୍କ ଏହି ପୁଣ୍ୟ ତିଥିରେ ଉକ୍ତ ପୀଠରେ ଦୈନନ୍ଦିନ ଦରିଦ୍ର ନାରାୟଣ ସେବା, ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଚିତ ସାଇ ଭାଗବତ ପାଠ, ଶ୍ରୀମଦ୍ ଭାଗବତ ଗୀତା ପଠନ, ଅଞ୍ଚଳବାସୀଙ୍କ ନିମନ୍ତେ ୧୦୮ ମାନସିକ ଦୀପ ପ୍ରଜ୍ୱଳନ, କଳସ ସ୍ଥାପନ, ବିମ୍ୱତି ମନ୍ଦିରରେ ପାଲିଙ୍କି ରାତ୍ରି ଯାପନ, ମହାଦୀପ ଉଦ୍‌ଯାପନ, ଦେବଯଜ୍ଞ ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ମନ୍ଦିର ପରିସର ମଧ୍ୟରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଏକ ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଡାକ୍ତର ଯୋଗୀନ୍ଦ୍ର ସେନାପତି ଓ ଅନ୍ୟ ରୋଟାରିଆନ୍ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ୍ ପ୍ରେସିଡେଣ୍ଟ ଓ ସେକ୍ରେଟାରି ସାଇବାବାଙ୍କର ମଧ୍ୟାହ୍ନ ଆଳତି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ସାଇବାବା ମନ୍ଦିର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ ଓ ଅନ୍ୟମାନେ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ।

## ୩୦ରେ ସର୍ବସେବା ସଂଘ ଅଧିବେଶନ

ପୁରୀ, ୨୫ା୧୦(ଅଜିତ୍ ମହାନ୍ତି)

ମହାରାଷ୍ଟ୍ରର ୱାର୍ଦ୍ଧା ଜିଲା ଅନ୍ତର୍ଗତ ସେବାଗ୍ରାମ ଗାନ୍ଧୀ ଆଶ୍ରମସ୍ଥିତ ସର୍ବୋଦୟ ରାଷ୍ଟ୍ରୀୟ ସଂଗଠନ ଅଖିଳ ଭାରତ ସର୍ବୋଦୟ ମଣ୍ଡଳ (ସର୍ବସେବା ସଂଘ) ଦୁଇଦିନିଆ ରାଷ୍ଟ୍ରୀୟ ଅଧିବେଶନ ଚଳିତ ମାସ ୩୦ ଓ ୩୧ ତାରିଖରେ ପୁରୀସ୍ଥିତ ଦୁଦୁୱାଲା ଧର୍ମଶାଳାଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଗାନ୍ଧୀ ପୀଠରେ ସର୍ବୋଦୟ ମଣ୍ଡଳର ପୁରୀ ଜିଲା ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବୋଦୟ ସମାଜର ପୂର୍ବତନ ସଂଯୋଜକ ଆଦିତ୍ୟ ପଟ୍ଟନାୟକଙ୍କ ସୂଚନା ଦେଇଛନ୍ତି। ଏଥିରେ ୩୦୦ ଲୋକସେବକ ଓ ସର୍ବୋଦୟ କର୍ମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୯୮୦ରେ ପୁରୀରେ ସର୍ବସେବା ସଂଘର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାର ୪୩ ବର୍ଷ ପରେ ପୁରୀରେ ପୁନଶ୍ଚ ଏହି ଅଧିବେଶନ ହେବାକୁ ଯାଉଛି। ବୈଠକରେ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଇନ୍ଦୁମତି ସାହୁ, ଜ୍ୟୋତ୍ସ୍ନା ନାୟକ, ଡ. ଇନ୍ଦିରା ଦେବୀ, ମଧୁସୂଦନ ମିଶ୍ର ଏବଂ ସୁଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

# କେନାଲରେ ପାଣି ନାହିଁ, ବିଲ ଫାଟି ଆଁ



ପାଣି ଅଭାବରୁ ଦୁର୍ବଳ ଅବସ୍ଥାରେ ଧାନଗଛ।

ନିରାକାରପୁର, ୨୫ା୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଚାଷୀଙ୍କ ସୁବିଧା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସ୍ତରରେ ବିଭିନ୍ନ ପ୍ରକାରର ଯୋଜନାମାନ ପ୍ରସ୍ତୁତ ହେଉଛି। କିନ୍ତୁ କିଛି ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଚାଷୀମାନେ ଠିକ୍ ଭାବରେ ସହାୟତା ପାଇପାରୁ ନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଖୋର୍ଦ୍ଧା ଜିଲା ନିରାକାରପୁରରେ ଦେଖିବାକୁ ମିଳିଛି। ଧାନରୁ ଥୋଡ଼ ବାହାରିବା ସମୟରେ ବିଲରେ ପାଣି ନ ଥିବାରୁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଏପରିକି ଧାନ ଗଛଗୁଡ଼ିକ ଦୁର୍ବଳ ଥିବା ପରିଲକ୍ଷିତ ହେଉଛି। ଚାଷୀଙ୍କ ସୁବିଧା ପାଇଁ ରାମେଶ୍ୱରଠାରେ ୧୯୮୧ ମସିହାରେ ଏକ ବ୍ୟାରେଜ୍ ନିର୍ମାଣ କରାଯିବା ସହିତ କେନାଲ ଓ ଶାଖା କେନାଲ ନିର୍ମାଣ କରାଯାଇଥିଲା। ହେଲେ ବର୍ଷତମାମ ଏହି କେନାଲରେ ପାଣି ଆସୁନାହିଁ। ଫଳରେ କେନାଲ ପାଖ ଜମି ଶୁଖିଲା ପଡ଼ିଛି। ଏନେଇ ବିପିନ ଜୟସିଂହ ନାମକ ଜଣେ ଚାଷୀ ଯଥାଶୀଘ୍ର କେନାଲରେ ପାଣି ଛାଡ଼ିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟଥା ଶହ ଶହ ଏକର ଧାନ ଅଗାଡ଼ି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଥିବା ସେ କହିଛନ୍ତି। ସେହିପରି ଅନ୍ୟ ଚାଷୀଙ୍କ ମଧ୍ୟରେ ଡମ୍ବୁରଧର ପରିଡା, ଉମେଶ ପଟ୍ଟନାୟକ, ସୁନୀଲ କୁମାର ସୁବୁଦ୍ଧି ସମାନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ କୁମାର ରାୟ କହିଛନ୍ତି, ବ୍ୟାରେଜରେ ପାଣି ନାହିଁ। ତେଣୁ କେନାଲରେ ପାଣି ଯାଇପାରୁନାହିଁ।

## ମୋ ସ୍କୁଲ ଅଭିଯାନ ବୈଠକ

ଟାଙ୍ଗୀ (ଖୋର୍ଦ୍ଧା), ୨୫।୧୦ (ରଘୁନାଥ ସାହୁ)

ବଡ଼ପାରୀ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳଭଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ଏହି ବୈଠକରେ ଯୋଗଦେଇ ସ୍ମୃତିଚାରଣ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଚତୁଃପାର୍ଶ୍ୱ ପାଚେରୀ ନିର୍ମାଣ, ବିଦ୍ୟାଳୟ ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର୍ ସ୍ଥାନାନ୍ତରିତ କରିବା, ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦର୍ଶନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଲାଗାୟକଙ୍କ ପରଲୋକ

ଟାଙ୍ଗୀ(ଖୋର୍ଦ୍ଧା), ୨୫।୧୦ (ରଘୁନାଥ ସାହୁ)

ଭୁଷଣ୍ଡପୁରସ୍ଥିତ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ପ୍ରତିଷ୍ଠିତ ପାଲାଗାୟକ ଅରୁଣ ଚକ୍ରଧର ବାରିକ(୭୨)ଙ୍କର ଦେହାନ୍ତ ହୋଇଯାଇଛି। ସେ କୃଷି ବିଶ୍ୱବିଦ୍ୟାଳୟର କର୍ମଚାରୀ ହୋଇଥିଲେ ମଧ୍ୟ ପାଲା ପରିବେଷଣ କରିବା ତାଙ୍କର ଏକ ନିଶା ପାଲଟିଥିଲା। ଖୁବ୍ କମ୍ ବୟସରେ ଓଡ଼ିଶାରେ ପାଲା ପରିବେଷଣ କରି ସେ ସୁନାମ ଅର୍ଜନ କରିଥିଲେ। ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିବା ବେଳେ ବଡ଼ ପୁଅ ଧିରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଉଗ୍ରତାରା ମଣ୍ଡଳ ପାଲା ପରିଷଦର ସଭାପତି ରବିନ୍ଦ୍ର ସାମନ୍ତରାୟ, ଜିଲା ବିଜେଡି ଉପ ସଭାପତି ବିରଞ୍ଚି ନାରାୟଣ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ।

## ଆମ ଜଟଣୀ ଶାରଦୀୟ ଉତ୍ସବ

**ମନ ମୋହିଲା ଭଜନ ଓ ନୃତ୍ୟ ପରିବେଷଣ**



ଆମ ଜଟଣୀ ଶାରଦୀୟ ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ କଳାକାର।

ଜଟଣୀ,୨୫।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ସହର ଓ ଏହାର ପାଖଆଖ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଓ ଦଶହରା ବେଶ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ 'କର୍ମ ମନ୍ଦିର' ଜଟଣୀ ପକ୍ଷରୁ ଆମ ଜଟଣୀର ଶାରଦୀୟ ଉତ୍ସବ -୨୦୨୩ ଏବଂ ରାବଣ ପୋଡି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଥାନାଛକ ଯାତ୍ରା ପଡିଆ ପରିସରରେ ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ତଥା ରାଜ୍ୟ ଭାଜପା ପ୍ରବକ୍ତା ସୁଦୀପ୍ତ ରାୟଙ୍କ ସଭାପତିତ୍ୱରେ ଶାରଦୀୟ ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ଅର୍ଗସ୍ ନ୍ୟୁଜ୍ ସଂସ୍ଥାର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ଭାଜପା ମିଡିଆ ସେଲ୍ ସଂଯୋଜକ ପ୍ରଦୀପ ଜେନା, ତିରୁପତି ଶତପଥୀ, କବି ପାଇକରାୟ, ପ୍ରଶାନ୍ତ ପ୍ରଧାନ, ମହେଶ ମିଶ୍ର, ମନୋଜ ମିଶ୍ର, ରଶ୍ମି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆମ ଜଟଣୀ ଶାରଦୀୟ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସୌଜନ୍ୟରୁ ସତ୍ୟ ଛାୟା ଚାରିଟେବୁଲ ଟ୍ରଷ୍ଟର କଳାକାର ସୁମଧୁର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଓ ଭଜନ ପରିବେଷଣ କରିବା ସହ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ଭଜନ ଏବଂ ନୃତ୍ୟ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଶେଷରେ ବିରାଟ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ କର୍ମମନ୍ଦିର ଜଟଣୀର ସମସ୍ତ ସଦସ୍ୟ ସଫଳ କରିବାରେ ସହଯୋଗ କରିଥିଲାବେଳେ ବିଶିଷ୍ଟ ସାମାଜିକ କର୍ମୀ ସବିତା ରାୟ ମଞ୍ଚ ପରିଚାଳନା କରିଥିଲେ।

# ହବିଷିଆଳିଙ୍କୁ ସେବା ଯୋଗାଇବ ସେଣ୍ଟଜୋନ୍ ଆମ୍ବୁଲାନ୍ସ

ପୁରୀ,୨୫ା୧୦(ଅଜିତ ମହାନ୍ତି)

ଚଳିତ ବର୍ଷ ପବିତ୍ର କାର୍ତ୍ତିକ ମାସରେ ଆରମ୍ଭ ହେବାକୁ ଥିବା କାର୍ତ୍ତିକ ବ୍ରତ ହବିଷିଆଳି ଯୋଜନାରେ ସେଣ୍ଟଜୋନ୍ ଆମ୍ବୁଲାନ୍ସ, ପୁରୀ ଶାଖା ପକ୍ଷରୁ କ୍ୟାଡର ସ୍ୱେଚ୍ଛାସେବୀମାନେ ହବିଷିଆଳିମାନଙ୍କୁସେବା ଯୋଗାଇଦେବେ। ଏ ନେଇ ରବିବାର ଅବକାଶ ଲେନ୍‌ସ୍ଥିତ ମଙ୍ଗଳାମଣ୍ଡପସ୍ଥିତ ସେଣ୍ଟ ଜୋନ୍ ଆମ୍ବୁଲାନ୍ସ କାର୍ଯ୍ୟାଳୟରେ ସେଣ୍ଟଜୋନ ଆମ୍ବୁଲାନ୍ସ ଶାଖାର ଯୁଗ୍ମସମ୍ପାଦକ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହବିଷିଆଳି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହବିଷିଆଳିଙ୍କୁ ମାସ ସାରା ସେବା ଯୋଗାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ହବିଷିଆଳିଙ୍କୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ କରାଇବା ପରେ ସୁରକ୍ଷିତ ଭାବେ ଶିବିରକୁ ଫେରାଇ ଆଣିବା ଓ ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ସେଣ୍ଟଜୋନ କ୍ୟାଡେଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଏଥିସହ ହବିଷିଆଳିଙ୍କ ପୂଜା ଓ ମହାପ୍ରସାଦ ସେବା ସମୟରେ ସମସ୍ତ ପ୍ରକାର ସେବା ଯୋଗାଇ ଦିଆଯିବ। ପ୍ରଥମ ଦିନ ରେଜିଷ୍ଟ୍ରେଶନ ସମୟରେ ସମସ୍ତ ସେଣ୍ଟଜୋନ କ୍ୟାଡେଟ ଉପସ୍ଥିତ ରହି ଶୃଙ୍ଖଳିତ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୯ ତାରିଖରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ ଏବଂ ତା' ପୂର୍ବରୁ ରେଜିଷ୍ଟ୍ରେଶନ କରାଯିବ। ଶେଷ ୫ଦିନ ପଞ୍ଚକରେ କାର୍ତ୍ତିକ ବ୍ରତଧାରିଣୀଙ୍କୁ ଦର୍ଶନ ସମୟରେ ସେବାଯୋଗାଇଦେବା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଜଗନ୍ନାଥ ଧାମ ଆମ୍ବୁଲାନ୍ସ ଡିଭିଜନର କମାଣ୍ଡାଣ୍ଟ ଲାଲା ଅନନ୍ତ ସିଂହଙ୍କ ସମେତ ସାମାଜିକ କର୍ମୀ ବଦ୍ରି ମିଶ୍ର, ମଧୁମିତା ମହାପାତ୍ର, ଅଜୟ ପ୍ରଧାନ ଉପସ୍ଥିତ ଥିଲେ।

## ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ: ବାରଙ୍ଗ ଚାମ୍ପିୟନ

ବୋଲଗଡ଼,୨୫ା୧୦(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀ ବର କବାଡି ଖେଳ ପଡ଼ିଆରେ ମା' ରାମଚଣ୍ଡୀ କବାଡି ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୩ ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିଟ-୩ (ଜୟ ଓଡିଶା) କବାଡ଼ି ଟିମ୍‌କୁ ୪ ପଏଣ୍ଟ ବ୍ୟବଧାନରେ ହରାଇ ବାରଙ୍ଗ କବାଡ଼ି ଟିମ୍ ଚାମ୍ପିୟନ୍ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ୟୁନିଟ-୩ (ଜୟ ଓଡିଶା) କବାଡି ଓ ବାରଙ୍ଗ କବାଡି ଟିମ୍ ଉଭୟ ସମାନ ୯ ପଏଣ୍ଟ ଲେଖାଏଁ ପାଇ ବରାବର ସ୍ଥିତିରେ ରହିଥିଲେ। ତେବେ ଖେଳର ନିର୍ଦ୍ଧାରିତ ସମୟ ସୁଦ୍ଧା ୟୁନିଟ ୩ (ଜୟ ଓଡିଶା) କବାଡ଼ି ଟିମ୍ ୧୯ ପଏଣ୍ଟ ପାଇଥିବା ବେଳେ ବାରଙ୍ଗ କବାଡି ଟିମ୍ ୨୩ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ରେଫରୀ ଭାବେ ଗୋପାଳ ମହାନ୍ତି, ନୀଳକଣ୍ଠ ବେହେରା, କୁଶ ନାୟକ, ନାରାୟଣ ଜେନା, ଭଞ୍ଜକିଶୋର ମହାପାତ୍ର, କାହ୍ନୁଚରଣ ସାମନ୍ତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଜୟକୃଷ୍ଣ ଫତେସିଂହ ଏବଂ ଅତିଥି ଭାବେ ଓଷ୍ଟାର ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସାମାଜିକ କର୍ମୀ ପ୍ରମୋଦ କୁମାର ସାହୁ, ବଂଶୀଧର ସାହୁ, ଭାସ୍କର ରାଉତରାୟ, ଅଶୋକ ସାମନ୍ତସିଂହାର, ପ୍ରମୋଦ ମହାପାତ୍ର, ମାଧବ ବିଶ୍ୱାଳ, ବିଶ୍ୱରଞ୍ଜନ ବିଶ୍ୱାଳ, ସୁମନ୍ତ ଛୋଟରାୟ, ପ୍ରଦୀପ ପଟ୍ଟନାୟକ, ଉମାକାନ୍ତ ବିଶ୍ୱାଳ, ଶିବାଜୀ ମଙ୍ଗରାଜ, ଅରୁଣ ଛୋଟରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ବାରଙ୍ଗ ଟିମ୍ ଓ ରନର୍ସ ଅପ୍ ୟୁନିଟ-୩ ଟିମ୍‌କୁ ନଗଦ ଅର୍ଥରାଶି ପ୍ରଦାନ କରିଥଲେ।



ଟ୍ରଫି ସହ ବିଜୟୀ ଦଳ।

# ସାମ୍ପ୍ରଦାୟିକ ଭାଇଚାରାର ଅନନ୍ୟ ନିଦର୍ଶନ

ବୋଲଗଡ଼,୨୫ା୧୦(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକଗୋଡା ଗ୍ରାମରେ ପବିତ୍ର ଦଶହରା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଅବସରରେ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟ ମଧ୍ୟରେ ଭାଇଚାରାର ବାର୍ତ୍ତା ତଥା ସାଂପ୍ରଦାୟିକ ସଂପ୍ରୀତିର ଅନନ୍ୟ ନିଦର୍ଶନ ଦେଖିବାକୁ ମିଳିଥାଏ। ଏହି ଗ୍ରାମରେ ୪୦ ଭାଗ ମୁସଲମାନ ଥିବା ବେଳେ ୬୦ ଭାଗ ହିନ୍ଦୁ ଲୋକ ବସବାସ କରିଆସୁଛନ୍ତି। ଧାର୍ମିକ ଚିନ୍ତାଧାରାର ଭିନ୍ନତା ସତ୍ତ୍ୱେ ଗ୍ରାମରେ ଦୀର୍ଘ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା ନ ହୋଇ କେବଳ ମା' କନକ ଦୁର୍ଗାଙ୍କର ପୂଜାର୍ଚ୍ଚନା କରାଯାଏ। ଚଳିତବର୍ଷ ଏହି ଦୁର୍ଗାପୂଜାରେ ଦିବ୍ୟସିଂହପୁରର ରାଜ ପ୍ରତିଷ୍ଠିତ ବ୍ରାହ୍ମଣ ଦେବେନ୍ଦ୍ର ହୋତାଙ୍କ ଘରୁ ମା' କନକ ଦୁର୍ଗା ମାଣିକାଗୋଡା ଭଗବତୀ ପୀଠକୁ ବିଜେ ହୋଇଥିଲେ। କରଣ ଜାତିର କୋଠ କରଣ ଅବନୀ ପଟ୍ଟନାୟକଙ୍କ ଘରୁ ଲେଖନୀ ଓ ତାଳପତ୍ର, ମୁସଲମାନ ଦଳବେହେରାଙ୍କ ଘରୁ ଖଣ୍ଡା, ମହିଷାଶୁଣୀଙ୍କ ପୀଠରୁ କଟରା ମଧ୍ୟ ଅଣାଯାଇଥିଲା। ବଢେଇ ଜାତିର ବ୍ୟକ୍ତିମାନେ ରୁଖା ଓ ପିଢ଼ା ଦେଇଥିବାବେଳେ ଧୋବା ଜାତିର ଜଣେ ବ୍ୟକ୍ତି ବେଲ ଓ ବର କାଠ ଯୋଗାଇ ଦେଇଥିଲେ। ଭୋଇ ଜାତିର ଜଣେ ବ୍ୟକ୍ତି ବିଭିନ୍ନ ଗଛର ଡାଳ ଆଣି ଏଠାରେ ଏକ କୁଡ଼ିଆ କରିଥିଲେ। ସର୍ବୋପରି ମାଳିଠାରୁ ଆରମ୍ଭ କରି ପ୍ରାୟ ୧୩ଟି ଜାତିର ଲୋକେ ଏହି ପୂଜାରେ ସହଯୋଗ କରିଥିଲେ। ଅଷ୍ଟମୀ ଓ ନବମୀ ଦୁଇଦିନ ପଂକ୍ତି ଭୋଜନ, ସଞ୍ଜୁଡି ଭୋଗ ହୋଇଥିଲା। ଉଲ୍ଲେଖନୀୟ ଯେ ଏହି ଭୋଗ ପାଇଁ ମୁସଲିମ ଦଳବେହେରାଙ୍କ ଘରୁ ଅରୁଆ ଚାଉଳ, ଗୁଡ଼ ଓ ଅନ୍ୟାନ୍ୟ ସରଞ୍ଜାମ ଆସିଥିଲା ଓ ଦଶମୀଦିନ ସଜଉଠା କାର୍ଯ୍ୟ ସମାପନ ହୋଇଥିଲା। ପରେ ଗ୍ରାମର ୫ଟି ପାଇକ ଆଖଡ଼ାମେଳ ସେମାନଙ୍କର କ୍ରୀଡା କୌଶଳ ଦର୍ଶାଇ ମାଣିକ ସାଗର କୂଳରେ ଥିବା ମା' ଭୂୟାଁଣୀ ଠାକୁରାଣୀଙ୍କ ନିକଟକୁ ଯାଇ ତାଙ୍କୁ ଆବାହନ କରି ଆଣିଥିଲେ। ମା' ଭୂୟାଁଣୀ ଓ ମା' ଯୋଗମାୟା ଦୁଇ ଭଉଣୀଙ୍କୁ ନେଇ ପାଇକସାହି, ବଢେଇସାହି, ସନ୍ତରା ସାହିର ପ୍ରତ୍ୟେକ ଦୁଆରେ ଭୋଗ ଖାଇ ଭଗବତୀ ପୀଠରେ ପହଞ୍ଚିବା ପରେ ଏହି ଠାରୁ ମୁସଲମାନ ଦଳବେହେରାଙ୍କୁ ସାଙ୍ଗରେ ନିଆଯାଇ ପୂର୍ବରୁ ପୂଜା ପାଉଥିବା ଖଣ୍ଡା, କଟରା (କଟୁରି), ତାଳପତ୍ର, ଲେଖନୀ ସହ ୧ କିଲୋମିଟର ଦୂର ମାଳିସାହିର ପ୍ରସିଦ୍ଧ ଶୈବପୀଠ ସୋମନାଥ ଦେବଙ୍କ ମନ୍ଦିର ନିକଟରେ ଥିବା ଅପରାଜିତା ହୋମସ୍ଥଳରେ ପହଞ୍ଚିଥିଲେ। ଏହି ହୋମରେ ଦିବ୍ୟସିଂହପୁର ଶାସନର ରାଜପ୍ରତିଷ୍ଠିତ ବ୍ରାହ୍ମଣ ଓ ଅନ୍ୟ ବ୍ରାହ୍ମଣମାନେ ପୂଜାପାଠ ମାଧ୍ୟମରେ ମୁସଲମାନ ଦଳବେହେରା ସେକ୍ ଅଜିଜୁର ରହେମାନ କୁଶବଟୁ ପିନ୍ଧିବା ସହିତ ମୁଖ୍ୟକର୍ତ୍ତା ହୋଇ ମା'ଙ୍କୁ ଷୋଡଶ ଉପଚାରରେ ପୂଜା କରିବା ସହିତ ହୋମରେ ଆହୂତି ଦେଇଥିଲେ।





ଭସାଣି ଉତ୍ସବ ଦେଖିବା ପାଇଁ କାଠଯୋଡ଼ି ନଦୀର ଦେବୀଗଡ଼ାରେ ଲୋକଙ୍କ ଭିଡ଼।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦୁର୍ଗାମେଢ଼।

# ଦେବୀଗଡ଼ାରେ ମା'ଙ୍କୁ ମେଲାଣି

**କଟକ,୨୫।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ଶେଷ ହୋଇଛି ଦୁର୍ଗାପୂଜା। ବୁଧବାର ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ମା' ଦୁର୍ଗା। ପାରମ୍ପରିକ ବାଦ୍ୟ, ଘଣ୍ଟ, ଘଣ୍ଟା, ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି କଟକ ସହର। କାଠଯୋଡି ନଦୀର ଦେବୀଗଡାରେ ବିସର୍ଜନ ପାଇଁ କୃତ୍ରିମ ପୋଖରୀ ଖୋଳାଯାଇଥିଲା। କେତେକ ସ୍ଥାନରେ ମଙ୍ଗଳବାର ରାତିରୁ ମା'ଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା ୬୫ ମେଢ଼ ବିସର୍ଜନ ହୋଇଥିବା ଜଣାପଡିଛି। ଏହାକୁ ଦେଖିବା ପାଇଁ ଦେବୀଗଡ଼ାଠାରେ ଜନସମାଗମ ହୋଇଥିଲା। ଭସାଣି ପାଇଁ ଦେବୀଗଡ଼ାଠାରେ ରାସ୍ତାଘାଟ ସଫା କରାଯାଇଥିବାବେଳେ ଆଲୋକୀକରଣ, ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ କଟକ ସହରର ୧୭୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଭସାଣିବେଳେ ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ୫୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



କାଠଯୋଡ଼ି ନଦୀର ଅସ୍ଥାୟୀ ପୋଖରୀରେ ମା' ଦୁର୍ଗାଙ୍କୁ ବିସର୍ଜନ କରାଯାଉଛି।

## ଶ୍ରଦ୍ଧାଳୁଙ୍କୁ ଦହିପଖାଳ ବଣ୍ଟନ

**ଫୁଲନଖରା,୨୫।୧୦**
**(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ମହାନଗର ନିଗମ(ସିଏମ୍‌ସି) ୫୯ ନଂ. ୱାର୍ଡ ଅନ୍ତର୍ଗତ ରାମନଗର ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ବିଜୟା ଦଶମୀରେ ମା'ଙ୍କ ନିକଟରେ ଲାଗି କରାଯାଇଥିବା ଦହିପଖାଳ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଅଞ୍ଚଳର ପ୍ରମୁଖ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଆଧ୍ୟାତ୍ମିକ ପୁସ୍ତକକାର ଶ୍ରୀସନ୍ୟାସୀ ଜୀ, ଦୁର୍ଗାପୂଜା କମିଟି ସଭାପତି କାଳନ୍ଦୀ ଦାସ, ସମ୍ପାଦକ ହୃଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଧରଣୀଧର ବେହେରା, ପଠାଣି ବେହେରା, ବଳରାମ ବେହେରା, ପପୁ ବେହେରା, ସୁଜିତ୍ ରଞ୍ଜନ ବେହେରା, ରାଜେନ୍ଦ୍ର ବେହେରା, ଅଭିମନ୍ୟୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ବିସର୍ଜନ ପାଇଁ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।



ମହାନବମୀରେ ହରିପୁର-ଦୋଳମୁଣ୍ଡାଇ ପୂଜାମଣ୍ଡପରେ ଅନୁଷ୍ଠିତ ପାରମ୍ପରିକ କୁମାରୀ ପୂଜା।



ବାଲିଯାତ୍ରା ତଳପଡ଼ିଆରେ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ରାବଣପୋଡ଼ି ଉତ୍ସବ।

# ଖଣ୍ଡା ଶୋଭାଯାତ୍ରା, ରାବଣପୋଡ଼ି

**କଣ୍ଟାପଡ଼ା/ ଖୁଣ୍ଟୁଣୀ, ୨୫।୧୦**
**(ସୁରନାରାୟଣ ସାହୁ/ ସଚ୍ଚିଦାନନ୍ଦ ପଣ୍ଡା)**

ଦଶହରା ଅବସରରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବଳଦଯାତ, ଖଣ୍ଡା ଶୋଭାଯାତ୍ରା ଓ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ଥୋରିଆ ସମାଜ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସୁସଜ୍ଜିତ ବଳଦକୁ କଣ୍ଟାପଡା ଗ୍ରାମ ପରିକ୍ରମା କରାଯାଇ ସ୍କୁଲଛକ ଦଶହରା ପଡିଆକୁ ନିଆଯାଇଥିଲା। ସେହିପରି ମଞ୍ଜୁରାଇ, ଜାଇଁଲୋ, ଗେଲପୁର ଓ ଗୋଗଳ ଗ୍ରାମର କ୍ଷେତ୍ରୀୟମାନେ ଖଣ୍ଡା ଶୋଭାଯାତ୍ରାରେ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥିଲେ। ଗୋବିନ୍ଦପୁର ଫ୍ରେଣ୍ଡ୍‌ସ ୟୁନିଟ୍ ପକ୍ଷରୁ ସ୍ଥାନୀୟ ମେଡିକାଲ ପଡିଆରେ ରାବଣ ପୋଡି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଶିବାନୀ ସାଂସ୍କୃତିକ ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ରାତି ୯ଟାରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା, ପ୍ରଶାସନିକ ଅଧିକାରୀ ମାନସ ଭୋଇ, ସାମାଜିକ କର୍ମୀ ନିରଞ୍ଜନ ପତି, ବଜାର କମିଟି ସଭାପତି ସୁରେଶ ପାତ୍ର ଯୋଗଦେଇଥିଲେ। ଜ୍ଞାନପୂର୍ଣ୍ଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଖୁଣ୍ଟୁଣୀ ଅଞ୍ଚଳର ମା' କନକଦୁର୍ଗାଙ୍କ ପୀଠଠାରେ ଦୁର୍ଗାପୂଜା ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' କନକଦୁର୍ଗା ଠାକୁରାଣୀ ଟ୍ରଷ୍ଟ, ବାଲୁଙ୍କେଶ୍ୱର ଟ୍ରଷ୍ଟ ଏବଂ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାବଣ ପୋଡି ଉତ୍ସବରେ ସିଆରିଆ ରାଧାକୃଷ୍ଣ ମଠର ମଠାଧିଶ ସଦାନନ୍ଦ ଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମା' କନକଦୁର୍ଗା ଠାକୁରାଣୀ ଟ୍ରଷ୍ଟର ନ୍ୟାସୀ ସଚ୍ଚିଦାନନ୍ଦ ପଣ୍ଡା, ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି କିଶୋର କୁମାର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ସରୋଜ ମିଶ୍ର, ରଜନୀ ଜେନା, ସଞ୍ଜୀବ ବେହେରା, ଗୋବିନ୍ଦ ବେହେରା ଓ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଦିଲୀପ କୁମାର ଶେଠ, କନକଦୁର୍ଗା ଟ୍ରଷ୍ଟ ବୋର୍ଡ ସଦସ୍ୟ ବିଜୟ କୁମାର ସାହୁ, ପ୍ରିୟବ୍ରତ ପାତ୍ର ଓ ବିଚିତ୍ରାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭସାଣି ଶୋଭାଯାତ୍ରାରେ ଇଲେକ୍ଟ୍ରି ସାଜସଜ୍ଜା।







ଦୁର୍ଗାପୂଜାରେ କଟକ ଶେଖ୍ ବଜାର ପୂଜାମଣ୍ଡପ ସମ୍ମୁଖରେ ମହିଳାଙ୍କ ସିନ୍ଦୂର ଖେଳ। | ଭସାଣି ଶୋଭାଯାତ୍ରାରେ ସାମିଲ ଘୋଡ଼ାନାଚ। | ମଙ୍ଗଳାବାଗ୍ ପୂଜା କମିଟିର ୭୫ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଦେବାଶିଷ ପାତ୍ର ଓ ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

### ନଈଗୁଆଁ ଦୁର୍ଗା କ୍ଲବ ପକ୍ଷରୁ ରାବଣ ପୋଡ଼ି

ଅସ୍ତରଙ୍ଗ, (ପ୍ରଦୀପ୍ତ କୁମାର ଦୀକ୍ଷିତ):ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଦୁର୍ଗା କ୍ଲବ ପକ୍ଷରୁ ଏକାଦଶ ବାର୍ଷିକ ରାବଣ ପୋଡ଼ି ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାସ ଅନୁଯାୟୀ, ଚକ୍ରାଳତିରେ ୧୦୮ ମାନସିକ ଦୀପ ଲଗାଯାଇଥିଲା। ୪୦ ଫୁଟର ରାବଣ ପୁତଳିକା କରାଯାଇ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଖଞ୍ଜାଯାଇଥିଲା। କର୍ତ୍ତା ଦିନେଶ ପ୍ରଧାନ ଅଗ୍ନି ସଂଯୋଗ କରିଥିଲେ। ଏହି ରାବଣ ପୋଡ଼ି ଉତ୍ସବ ଦେଖିବାକୁ ଦୁର୍ଗାମଣ୍ଡପ ନିକଟରେ ଜନସମାଗମ ହୋଇଥିଲା। ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, କାକଟପୁର ଥାନାଧିକାରୀ ଉମେଶ ସାହୁ, କୋଣାର୍କ ଥାନାଧିକାରୀ ପଞ୍ଚାନନ ପରିଡ଼ା ଏହାକୁ ତଦାରଖ କରିଥିବାବେଳେ କ୍ଲବ ସଭାପତି ରତିରଞ୍ଜନ ବିଶ୍ୱାଳ, ସମ୍ପାଦକ ଲକି ମହାନ୍ତି, ସୁଶାନ୍ତ ତ୍ରିପାଠୀ, ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୫।୧୦।୨୦୨୩

| ୪,୭୨,୯୫୫ ଟଙ୍କା | |
|---|---|
| ସୁନା | ୫.୬୫୦ ଗ୍ରାମ୍ |
| ରୁପା | ୧୩୪.୧୫୦ ଗ୍ରାମ୍ |

# ମହାପ୍ରଭୁଙ୍କ ରାଧାଦାମୋଦର ବେଶ

ପୁରୀ, ୨୫।୧୦(ଅଜିତ୍ ମହାନ୍ତି)

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ୍ ବୁଧବାରଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହେବା ସହ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଧାଦାମୋଦର ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀବିଗ୍ରହମାନଙ୍କ ଏହି ବେଶ ଦୀର୍ଘ ଏକ ମାସ ଧରି ଚାଲିବ। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରୁ କାର୍ତ୍ତିକ ଶୁକ୍ଳ ଦଶମୀ ତିଥି ପର୍ଯ୍ୟନ୍ତ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ସେହିପରି ଏକାଦଶୀ ତିଥିରୁ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗିହୋଇଛି।

ସ୍ୱତ୍ୱଲିପି ଅନୁଯାୟୀ, କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ଠାକୁରମାନେ ଏହି ବେଶରେ ବାଳଭୋଗ ପର୍ଯ୍ୟନ୍ତ ରହନ୍ତି। ଶ୍ରୀବିଗ୍ରହମାନେ ଏହି ବେଶରେ ଥିବାବେଳେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳ ଭୋଗ ହୋଇଥାଏ। ବାଳଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି ଓ ବାଳ ଭୋଗ ସରିବା ପରେ ତିନିବାଡ଼ରେ ବନ୍ଦାପନା ହୋଇ ବେଶ ଓଲାଗି ହୋଇଥାଏ। ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା, ଅଧରମାଳା ସମେତ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ଦୁଇହସ୍ତରେ ସୁବର୍ଣ୍ଣ ନଳୀଭୁଜ, ତ୍ରିମୁଣ୍ଡିରେ ବାଉଁଶପାତିଆ ଓ କନାରେ ନିର୍ମିତ ଚୂଳ, ଚୂଳ ଅଗ୍ରଭାଗରେ ରୁପା, ଚନ୍ଦ୍ରିକା, କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ାମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇଥାନ୍ତି। ମସ୍ତକରେ ତଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ସହ ପାଟଶାଢ଼ି, ଶିରୀ କପଡ଼ା, ବଳା, ଅଧରବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ। ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଶ୍ରୀବିଗ୍ରହମାନେ ଲାଗି ହୋଇଥାନ୍ତି।



## ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ସହ ବାଳଭୋଗ ଆରମ୍ଭ

ସେହିପରି ଶ୍ରୀମନ୍ଦିରରେ ବାଳଭୋଗ ଆରମ୍ଭ ହୋଇଛି। ସକାଳ ଧୂପ ବଢ଼ିବା ପରେ ବାଳଭୋଗ ଅନୁଷ୍ଠିତ ହୋଇଥିଲା। ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବାଳ ଭୋଗ ଅନୁଷ୍ଠିତ ହେବ। ପଞ୍ଚଉପଚାରରେ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗି କରାଯାଇଥାଏ।



ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ ପାଇଁ ବୁଧବାର ପୁରୀ ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।

# ପାରମ୍ପରିକ ବାଦ୍ୟଯନ୍ତ୍ରରେ ମା'ଙ୍କ ଭସାଣି



ଚାରିଛକଠାରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ପାଇଁ ନିଆଯାଉଛି।

ଚାରିଛକ,୨୫।୧୦(ଶିଶିର ସ୍ୱାଇଁ)/ବଳଙ୍ଗା,(କେଦାରେଶ୍ୱର ନନ୍ଦ)

ଚାରିଛକ ଭୋଦର ଗ୍ରାମରେ ବୁଧବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ମହାସମାରୋହରେ ହୋଇଯାଇଛି। ଭସାଣିରେ ଆଧୁନିକ ବାଦ୍ୟଯନ୍ତ୍ର ସହ ଘୁମୁରି ବାଦ୍ୟ, ଢୋଲ ମହୁରୀ, ଘୋଡ଼ାନାଚ, ପଞ୍ଜାବୀ ବାଦ୍ୟ, ସାଇ ନାଚ, ଘଣ୍ଟ ପଖୋଜ ନାମ ସଂକୀର୍ତ୍ତନ କରି ମା' ଦୁର୍ଗାଙ୍କୁ ଗ୍ରାମ ପୋଖରୀରେ ବିସର୍ଜନ କରାଯାଇଥିଲା। ବିସର୍ଜନ ସମୟରେ ଚାରିଛକ ଗ୍ରାମର ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଡ. ସନ୍ତୋଷ ମିତ୍ର, ଗଦାଧର, ବସନ୍ତ ଦାସଙ୍କ ସମେତ ଅଞ୍ଚଳରୁ ହଜାର ହଜାର ଭକ୍ତ ଉପସ୍ଥିତ ଥିଲେ। ବିସର୍ଜନ ସମୟରେ ବିଭିନ୍ନ ପ୍ରକାର ସମସ୍ୟାକୁ ଲକ୍ଷ୍ୟ ରଖି ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଟିମ୍ ନିୟୋଜିତ ହୋଇଥିଲେ। ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଭକ୍ତ ଆସି ମା'ଙ୍କ ଦର୍ଶନ କରିବା ସହ ଭସାଣି ଉତ୍ସବର ମଜା ନେଇଥିଲେ। ବଳଙ୍ଗା ବଜାର ଦୁର୍ଗାପୂଜା କମିଟି ପକ୍ଷରୁ ବୁଧବାର ଅପରାହ୍ନରେ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡପରେ ସମସ୍ତ ନୀତିକାନ୍ତି ସମାପନ ପରେ ପାରମ୍ପରିକ ଘୋଡ଼ାନାଚ ଓ ଘଣ୍ଟ ମର୍ଦ୍ଦଳ ବଜାଇ ମା'ଙ୍କୁ ଏକ ଶୋଭାଯାତ୍ରାରେ ବଳଙ୍ଗା ବଜାର, ମେଡିକାଲ ଛକ ଓ ପରେ ପଣସଗଡ଼ ବାଙ୍କ ଦେଇ ପରିକ୍ରମା କରି ଭାର୍ଗବୀ ନଦୀରେ ବିସର୍ଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବଳଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ରାଜସ୍ୱ ବିଭାଗରେ ୨୦ କର୍ମଚାରୀଙ୍କ ବଦଳି

ନିମାପଡ଼ା,୨୫।୧୦(ବିଚିତ୍ରାନନ୍ଦ ସାହୁ)– ପୁରୀ ଜିଲା ନିମାପଡ଼ା ରାଜସ୍ୱ ବିଭାଗରେ ତଥା ତହସିଲ କାର୍ଯ୍ୟାଳୟରେ ୨୦୨୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ସ୍ଥାନୀୟ ରାଜସ୍ୱ ବିଭାଗ ତଥା ତହସିଲ କାର୍ଯ୍ୟାଳୟରେ ତହସିଲଦାର, ୩ ଜଣ ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟଙ୍କ ସମେତ ପ୍ରାୟ ୨୦ ଜଣ ବରିଷ୍ଠ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ହୋଇଛି। ତହସିଲଦାର ସୁତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ବାଲିପାଟଣା ବ୍ଲକ ବିଡିଓ ଭାବେ ବଦଳି ଆଦେଶ ହୋଇଥିବାବେଳେ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହାରାଙ୍କ ଚିଲିକା ତହସିଲ କାର୍ଯ୍ୟାଳୟକୁ ଓ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ୍‌ଙ୍କ ଦଶପଲ୍ଲା ତହସିଲ କାର୍ଯ୍ୟାଳୟକୁ ବଦଳି ଆଦେଶ ହୋଇଛି। ବଦଳି ଆଦେଶ ହୋଇଥିବା ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ସ୍ଥାନରେ ନୂତନ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦାନ କରି ନ ଥିବାରୁ ନିମାପଡ଼ା ରାଜସ୍ୱ ବିଭାଗ ତଥା ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ବହୁ ଲୋକ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଛନ୍ତି। ଏ ଦିଗରେ ପୁରୀ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପ୍ରମୁଖ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସେବାୟତ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

ସାକ୍ଷୀଗୋପାଳ,୨୫।୧୦(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍): ଶ୍ରୀସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ବୁଧବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପରାମର୍ଶଦାତା ଭାବେ ଜୟକୃଷ୍ଣ ମହାପାତ୍ରଙ୍କ ସହିତ ସଭାପତି ଶ୍ରୀବତ୍ସ ମହାପାତ୍ର, ଉପସଭାପତି ରବିନାରାୟଣ ପତ୍ରୀ, ସମ୍ପାଦକ ବିଜୟ ନନ୍ଦ, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ନନ୍ଦ ଓ ପ୍ରତାପ ମହାପାତ୍ର ଯୋଗଦେଇଥିଲେ। ପରିଚାଳନା କମିଟି ସଦସ୍ୟମାନେ ସଂଘର ଉନ୍ନତି ପାଇଁ କାମ କରିବାକୁ ସାକ୍ଷୀଗୋପାଳ ଠାକୁରଙ୍କ ନିକଟରେ ଶପଥପାଠ କରିଥିଲେ। ସେବାୟତ ସୁରେନ୍ଦ୍ର ମହାପାତ୍ର, ପ୍ରଶନ୍ନ ମେକାପ, ସୋମନାଥ ମହାପାତ୍ର, ରାମଚନ୍ଦ୍ର ନନ୍ଦ, କିଶୋର ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ମହାପାତ୍ର, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର ଏବଂ ସହଯୋଗୀ ସଦସ୍ୟ ରାମକୃଷ୍ଣ ପଟ୍ଟନାୟକ, ସନ୍ତୋଷ ମେକାପ, ସୁବାଶିଷ ମେକାପ, ଦେବୀଦତ୍ତ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ

ଚାରିଛକ,୨୫।୧୦(ଶିଶିର ସ୍ୱାଇଁ)– ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଚାରିଛକ ବଜାରରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଇଛି। ଚାରିଛକ ବଜାର ପୁରୀ, କଟକ, ଖୋର୍ଦ୍ଧା ଓ ଜଗତସିଂହପୁର ଆଦି ୪ଟି ଜିଲାର ପେଣ୍ଠସ୍ଥଳ ହୋଇଥିବାରୁ ରାତ୍ର ସମୟରେ ବହୁ ମାଲବାହୀ ଗାଡ଼ି ଯାଇଥାଏ। ଏହି ସମୟରେ ମୁଷ୍ଟିମେୟ ବ୍ୟକ୍ତି ନିଶା ସେବନ କରି ରାହାଜାନି କରିଥାନ୍ତି। ଏସବୁକୁ ଅଟକାଇବାକୁ ଥାନାଧିକାରୀ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରିବା ସହ କାଗଜପତ୍ର ଦେଖିଥିଲେ। ରାତି ସମୟରେ ଅପରାଧୀଙ୍କ ଗତିବିଧିକୁ ନଜର ରଖିବା ସହ ମୁଷ୍ଟିମେୟଙ୍କ ଉପରେ ନଜର ରଖାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ଚାଷୀ ମୃତ

ନିମାପଡ଼ା,୨୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଶଗଡ଼ା ପଞ୍ଚାୟତର କନପୁର ଗ୍ରାମର ଜଣେ ଚାଷୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ କୁଳମଣି ପ୍ରଧାନ(୬୫)। କୁଳମଣି ବିଲରେ କାମ କରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେଠାରୁ ସେ ଘରକୁ ଚାଲିଆସିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କ୍ୟାପିଟଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଅ ସମରଜିତ୍ ପ୍ରଧାନ(୩୫) କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଚାଷୀ କୁଳମଣିଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ସାହୁ, ସମିତି ସଭ୍ୟ ତପନ ପ୍ରଧାନ, ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ସାହୁଙ୍କ ସମେତ ଗ୍ରାମବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

# ଦୀପ ଜାଳି ଅଞ୍ଚଳବାସୀଙ୍କ ମଙ୍ଗଳ କାମନା



ମା' ଦୁର୍ଗାଙ୍କ ଦର୍ଶନ ଅବସରରେ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

ଚାରିଛକ,୨୫।୧୦(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ଭୋଦର ଗ୍ରାମରେ ବହୁ ପୁରାତନ କାଳରୁ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା ଆସି ମା' ଦୁର୍ଗାଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଅଞ୍ଚଳର ଜନସାଧାରଣଙ୍କ ଜୀବନର ମଙ୍ଗଳମୟ କାମନା କରି ମା' ଦୁର୍ଗାଙ୍କ ପାଖରେ ଦୀପ ଜାଳି ପ୍ରାର୍ଥନା କରିଥିଲେ। ଏହି ସମୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଯୁବନେତା ଭକ୍ତବନ୍ଧୁ ବିଶ୍ୱାଳ, ଦୁର୍ଯ୍ୟୋଧନ ମହାନ୍ତି, ଯତୀନ୍ଦ୍ରନାଥ ସ୍ୱାଇଁ, ସନ୍ତୋଷ ପରିଡ଼ା, ଜନ୍ମେଶ୍ୱର ନାୟକ, ବାବୁରାମ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଏଟିଏମ୍‌ରୁ ଟଙ୍କା ଲୁଟ୍‌ବେଳେ ୪ ଜଣଙ୍କୁ କାବୁକଲା ପୋଲିସ

ଡେଲାଙ୍ଗ,୨୫।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ହାଟବଜାରସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଏଟିଏମ୍‌କୁ ଭାଙ୍ଗିବାକୁ ୪ ଜଣ ଦୁର୍ବୃତ୍ତ ପ୍ରୟାସ କରି ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ଭୁବନେଶ୍ୱରର ଆଶିଷ ମାହାନ୍ତି(୨୪) ଓ ତାଙ୍କ ସହଯୋଗୀ ୩ ନାବାଳକ। ଏନେଇ ପୋଲିସ ୩୨୨/୨୩ରେ ଏକ ମାମଲା ରୁଜୁ କରି ଆଶିଷଙ୍କୁ କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ୩ ଜଣଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇଛି। ସୂଚନା ଅନୁଯାୟୀ, ଗତ ୨୨ ତାରିଖ ବିଳମ୍ବିତ ରାତ୍ରରେ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଆଇ କେଳୁଚରଣ ଜେନା, ସିପାହି ଜିତେନ୍ଦ୍ର ସ୍ୱାଇଁ, ଗୃହରକ୍ଷୀ ପ୍ରମୋଦ ସେଠୀ ସଦଳବଳ ରାତ୍ର ପାଟ୍ରୋଲିଂ କରୁଥିଲେ। ଡେଲାଙ୍ଗ ହାଟବଜାରସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ ସନ୍ନିକଟ ଏଟିଏମ୍ ଭିତରେ ପଶି କେତେକ ଦୁର୍ବୃତ୍ତ ଏଟିଏମ୍ ଶଟର ଲକ୍ କାଟିଥିବା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ପୋଲିସ ତାଙ୍କଠାରୁ ଗ୍ୟାସ୍ ସିଲିଣ୍ଡର, ଗ୍ୟାସ୍ କଟର, ଲୁହା କଟର, ବନ୍ଧୁକ, ଖଣ୍ଡା, ସ୍କୁଟି ଓ ବାଇକ୍ ଜବତ କରିଛି। ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେମାନେ ଏଟିଏମ୍ ଲୁଟ୍ କରିବାକୁ ଭୁବନେଶ୍ୱରରୁ ଆସିଥିବା କହିଥିଲେ। ତେବେ ଅଭିଯୁକ୍ତଙ୍କଠାରୁ ପୋଲିସକୁ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏମାନଙ୍କ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ବିଦ୍ୟୁତ୍ ତାର ଚୋରି କରି ଯୁବକ ଗିରଫ

ନିମାପଡ଼ା,୨୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଦିଘାଳୋସ୍ଥିତ ବିଦ୍ୟୁତ୍ ଗ୍ରୀଡ୍ ଭିତରେ ପଶି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବିଦ୍ୟୁତ୍ ତାର ଚୋରି କରିବାବେଳେ ପୋଲିସ ତାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଦେବାଶିଷ ଭୋଇ। ଏନେଇ ଗ୍ରୀଡ୍‌ର ସିକ୍ୟୁରିଟି ଗାର୍ଡ ସନ୍ଦୀପ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୩୯୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ଠାରୁ ପୋଲିସ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଗୋଟିଏ ବଣ୍ଡଲ ବିଦ୍ୟୁତ୍ ତାର ଜବତ କରିଛି।

## ବିଜୟା ଦଶମୀରେ ଟ୍ୟାଲେଣ୍ଟ ଶୋ'

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ):୨୫।୧୦

ଅସ୍ତରଙ୍ଗ ଦୁର୍ଗାମଣ୍ଡପ ଓ ନଈଗୁଆଁ ଦୁର୍ଗାମଣ୍ଡପରେ ମା' ଜଗତ୍‌ଜନନୀଙ୍କ ଦର୍ଶନ ପାଇଁ ମହାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ଉକ୍ତ ଦୁଇଟି ମଣ୍ଡପରେ ଗୃହରାଷ୍ଟ୍ର ମନ୍ତ୍ରୀ ଇଂ. ତୁଷାରକାନ୍ତି ବେହେରା ମାଆ ଦୁର୍ଗାଙ୍କୁ ଦର୍ଶନ କରିଥିଲେ। ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ଚମ୍ପକ ବାରିକ, ରୁଦ୍ରପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟା ଦଶମୀରେ ଅସ୍ତରଙ୍ଗ ଦୁର୍ଗା କ୍ଲବ ତରଫରୁ କୁନି କୁନି ପିଲାଙ୍କୁ ନେଇ ଗଟ୍ ଟ୍ୟାଲେଣ୍ଟ ଶୋ' ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାରତ ମସଲା ଏମ୍‌ଡି ସୁଶାନ୍ତ ପଣ୍ଡା, ଅବସରପ୍ରାପ୍ତ ଅବକାରୀ ଡେପୁଟି କମିଶନର ଅଶୋକ କୁମାର ଶତପଥୀ, ଅସ୍ତରଙ୍ଗ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବିଶ୍ୱାଳ, ସମାଜସେବୀ ଅରୁଣ କୁମାର ବିଶ୍ୱାଳ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, କୋଣାର୍କ ଥାନାଧିକାରୀ ପଞ୍ଚାନନ ପରିଡ଼ା, କାକଟପୁର ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ପ୍ରମୁଖ ମାଆଙ୍କୁ ଦର୍ଶନ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଥାନା ପକ୍ଷରୁ ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

# ପ୍ରଶାସନ ସହାୟତାରେ ଆସାମ ଘରକୁ ଗଲେ ବୃଦ୍ଧ

ପିପିଲି,୨୫।୧୦(ଦୁର୍ଗା ମାଧବ ମିଶ୍ର)

ଆସାମର ୭୦ ବର୍ଷୀୟ ବୃଦ୍ଧଙ୍କୁ ଆସାମ ପ୍ରଶାସନ ପୁରୀ ପ୍ରଶାସନ ସହାୟତାରେ ପିପିଲି ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ ଉଦ୍ଧାର କରି ଆସାମ ପଠାଇବାକୁ ସମସ୍ତ ବ୍ୟବସ୍ଥା କରି ପଠାଇଛନ୍ତି। ପ୍ରକାଶ ଯେ, ଉକ୍ତ ବୃଦ୍ଧ ପିପିଲି ବାଇପାସ ନିକଟ ଏକ ଜଙ୍ଗଲିଆ ସ୍ଥାନରେ ଦୀର୍ଘଦିନ ଧରି ଭୋକ ଉପାସରେ ପଡ଼ିରହିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ଆସାମ ପ୍ରଶାସନ ସହିତ ବୃଦ୍ଧଙ୍କ ପରିବାର ଯୋଗାଯୋଗ କରିଥିଲେ। କେତେକ ଖବରଦାତା ଭିଡିଓ କଲ ମାଧ୍ୟମରେ ବୃଦ୍ଧଙ୍କୁ ତାଙ୍କ ପରିବାର ସହିତ କଥା କରାଇଥିଲେ। ରାସ୍ତାକଡ଼ରୁ ଉଦ୍ଧାର କରି ବୃଦ୍ଧଙ୍କୁ ପରିଷ୍କାର କରାଇ ମା'ଙ୍କ ଦର୍ଶନ କରାଇଥିଲେ। ସୂଚନାଯୋଗ୍ୟ, ବୃଦ୍ଧ ଜଣକ ଦାଦନ ଖଟିବାକୁ ପଞ୍ଜାବ ଯାଇଥିଲେ। କିଛି ମାସ କାମ କରିବା ପରେ ଠିକାଦାର ଜଣଙ୍କ ତାଙ୍କୁ ପ୍ରାପ୍ୟ ନ ଦେଇ ଅମୃତସରରୁ ପୁରୀ ଯାଉଥିବା ଟ୍ରେନରେ ବସାଇ ଦେଇଥିଲେ। ପୁରୀରୁ ବୃଦ୍ଧ ଜଣଙ୍କ ଚାଲି କରି ଆସି ପିପିଲି ବାଇପାସ୍‌ର ଏକ ଜଙ୍ଗଲିଆ ସ୍ଥାନରେ ଆଶ୍ରୟ ନେଇଥିଲେ।

# ଅମୃତ କଳସ ଶୋଭାଯାତ୍ରା




ଅସ୍ତରଙ୍ଗ, ୨୫।୧୦ (ମମତା ଜେନା)

ନେହେରୁ ଯୁବକେନ୍ଦ୍ର, ପୁରୀ ଓ ନାରାୟଣୀ ଯୁବ ପରିଷଦ ଅସ୍ତରଙ୍ଗର ମିଳିତ ଆନୁକୂଲ୍ୟରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମର ଅମୃତ କଳସ ଶୋଭାଯାତ୍ରା ଅସ୍ତରଙ୍ଗ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏକ ବିଶାଳ ଶୋଭାଯାତ୍ରା ଅସ୍ତରଙ୍ଗ ବସଷ୍ଟାଣ୍ଡ ନିକଟସ୍ଥ ତାରିଣୀ ମନ୍ଦିରଠାରୁ ବାହାରି ସବୁଜଶାଖା ପାଠାଗାର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ନେହେରୁ ଯୁବକେନ୍ଦ୍ର ପୁରୀର ଜୟଶଙ୍କର ଯୋଶୀ ମୁଖ୍ୟ ଅତିଥି, ନିମାପଡା ଉପ–ଡାକନିରୀକ୍ଷକ ଶୁଭାଶିଷ ଆଚାର୍ଯ୍ୟ, ରାମକୃଷ୍ଣ ଶିଶୁମନ୍ଦିର ଆଳଙ୍ଗପୁରର ସମ୍ପାଦକ ପ୍ରଶାନ୍ତ ଲେଙ୍କା, ସଚେତନତାର ସଭାପତି ପଦ୍ମଚରଣ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅଞ୍ଚଳରୁ ସଂଗୃହୀତ ପବିତ୍ର ମାଟିକୁ ବଜାର ପରିକ୍ରମା କରାଯାଇଥିଲା। ଅବସରପ୍ରାପ୍ତ ସୈନିକମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରସନ୍ନ ବେହେରା, ଈଶ୍ୱର ଚନ୍ଦ୍ର ବେହେରା ଓ ହୃଦାନନ୍ଦ ବସ୍ତିଆ ଯୋଗଦେଇ କଳସ ଯାତ୍ରା ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ପୂର୍ବତନ ବିଧାୟକଙ୍କ ଦଶାହ ପାଳିଲେ ଗ୍ରାମବାସୀ

ପିପିଲି,୨୫।୧୦(ଦୁର୍ଗା ମାଧବ ମିଶ୍ର)– ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ବିୟୋଗରେ ବୁଧବାର ଦଶାହ କାର୍ଯ୍ୟ ପାଇଁ ଅଞ୍ଚଳର ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ନଣ୍ଡା ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ପିପିଲି ବ୍ଲକ ଅଧୀନ ମୌଜବେଗ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭାର୍ଗବୀ ନଦୀକୂଳରେ ଥିବା ଆଖଣ୍ଡଳମଣି ବାବାଙ୍କ ତୁଠରେ ସାମନ୍ତରାୟଙ୍କ ଦଶାହ କାର୍ଯ୍ୟ କରିଥିଲେ। ତାଙ୍କ ଫଟୋ ରଖି ସ୍ମୃତିଚାରଣ କରିବା ସହ ନଣ୍ଡା ହୋଇ ନୂଆ ବସ୍ତ୍ର ପରିଧାନ କରିଥିଲେ। ଏଥିରେ ରଘୁନାଥ ସାହୁ, ନିତ୍ୟାନନ୍ଦ ମଲ୍ଲିକ, ରମେଶ ମଲ୍ଲିକ, ଡାକନ ମଲ୍ଲିକ, ବ୍ରହ୍ମାନନ୍ଦ ପୃଷ୍ଟି, ଧଡୁ ବେହେରାଙ୍କ ସମେତ ଅନେକ ଲୋକ ଦଶାହ କାର୍ଯ୍ୟ କରିଥିଲେ। ଦୀର୍ଘ ବର୍ଷ ପୂର୍ବେ ଉକ୍ତ ଗ୍ରାମକୁ ଅନ୍ୟ ଗ୍ରାମଗୁଡ଼ିକ ଅତ୍ୟାଚାର କରୁଥିଲେ। ଯୁଧିଷ୍ଠିର ନିଜ ଜୀବନକୁ ବାଜି ଲଗାଇ ସେମାନଙ୍କୁ ସବୁକ୍ଷେତ୍ରରେ ସାହାଯ୍ୟ ସହାନୁଭୂତି ଦେଖାଇଥିଲେ। ଗ୍ରାମର ବିଭିନ୍ନ କାର୍ଯ୍ୟରେ ଯୋଗ ଦେଉଥିଲେ। ତାଙ୍କ ସାହାଯ୍ୟକୁ ଭୁଲିପାରିବେନି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଟାଏକୋଣ୍ଡୋ: ୨ ପଦକ ଜିତିଲେ ସ୍ୱାଗତିକା

ପିପିଲି,୨୫।୧୦(ପ୍ରଭାତ ମହାପାତ୍ର)/ସାକ୍ଷୀଗୋପାଳ(ଭରତ ରାଉତ)



ଟାଏକୋଣ୍ଡୋ ଆସୋସିଏଶନ ଅଫ ପୁରୀ ପକ୍ଷରୁ ସ୍ଥାନୀୟ ରେଲ୍‌ୱେ ଇନ୍‌ଡୋରହଲରେ ୧୬ତମ ଜିଲାସ୍ତରୀୟ କ୍ୟୁରୋଗି ଓ ୮ତମ ଜିଲାସ୍ତରୀୟ ପୁମ୍ସେ ଟାଏକୋଣ୍ଡୋ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ ଟାଏକୋଣ୍ଡୋ ସମ୍ପାଦକ ମନମୋହନ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ପୁରୀ ଜିଲା ସଂଘ ସଭାପତି ଧବଳେଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜିଲା ସଂଘ ଅଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ସ୍ୱାଗତିକା କ୍ୟୁରୋଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଏବଂ ପୁମ୍ସେରେ ୨ୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଗୋବିନ୍ଦ ଚରଣ ବେହେରା ଓ ସୁବ୍ରତ ପ୍ରଧାନ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଲକ୍ଷ୍ମୀପ୍ରିୟା ଘଡ଼େଇ ଓ ମହମ୍ମଦ ସାଦ ଅନଓର କାଂସ୍ୟ ପଦକ ପାଇଥିଲେ। ସେହିପରି ଉତ୍ତରାୟଣୀ ଟାଏକୋଣ୍ଡୋ ଏକାଡେମୀ ସାତଶଙ୍ଖର ସ୍ୱାଗତିକା ବରାଳ, ରୁଦ୍ର ପ୍ରସାଦ ବେହେରା, ଭୂପେନ୍ଦ୍ର ମୁଦୁଲି ସୁନା ପଦକ ପାଇଥିବାବେଳେ ସାଇନାଥ ମହାନ୍ତି, ଯାଜ୍ଞସେନୀ ବରାଳ, ଶର୍ମିଷ୍ଠା ବାରିକ ରୌପ୍ୟ ପଦକ ପାଇ ଗୌରବ ଅର୍ଜନ କରିଛନ୍ତି। ଫାଇଟ ବିଭାଗରେ ୯ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ, ୪ଟି କାଂସ୍ୟ ପଦକ ହାସଲ କରିଛନ୍ତି। ପୁମ୍ସେ ବିଭାଗରେ ୪–୭ ବର୍ଷ ମଧ୍ୟରେ ରିତିକ ସ୍ୱର୍ଣ୍ଣ ପାଇଥିବାବେଳେ ଅମ୍ଲାନ ଓ ଆର୍ଯ୍ୟା ରୌପ୍ୟ ପଦକ ପାଇଛନ୍ତି। ୮–୧୧ ବର୍ଷରେ ରୁଦ୍ର, ଆୟୁଷ୍ମାନ ଏବଂ ଦେବଦତ୍ତ ସ୍ୱର୍ଣ୍ଣ ପାଇଛନ୍ତି। ୧୨ରୁ ୧୪ବର୍ଷ ମଧ୍ୟରେ ୩୭ କେ.ଜି.ରେ ସୋମନାଥ ରୌପ୍ୟ ୫୩ କେ.ଜି.ରେ ଶୀତୁନ ରୌପ୍ୟ, ୫୭ କେ.ଜି.ରେ ରଶ୍ମି ରୌପ୍ୟ, ୬୧ କେ.ଜି.ରେ ପ୍ରିନ୍ସ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଝିଅଙ୍କ ମଧ୍ୟରୁ ୫୧ କେ.ଜି.ରେ ପ୍ରଜ୍ଞା ସ୍ୱର୍ଣ୍ଣ, ୫୯ କେ.ଜି.ରେ ଅମୃତ ସ୍ୱର୍ଣ୍ଣ, ୫୯ରୁ ଅଧିକା ଓଜନରେ ସ୍ମୃତି ସ୍ୱର୍ଣ୍ଣ ପାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ଅକ୍ଟୋବର, ୨୦୨୩



### ରବିନାରାୟଣ ଜେଠୀଙ୍କୁ ଦାୟିତ୍ୱମୁକ୍ତ କଲା ବିଏମ୍‌ସି

ଭୁବନେଶ୍ୱର,(ଅନୁରାଧା ମହାରଣା): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦକ୍ଷିଣ-ପଶ୍ଚିମ ଜୋନ୍‌ର ଜୋନାଲ ଡେପୁଟି କମିଶନର(ଜେଡିସି) ରବିନାରାୟଣ ଜେଠୀଙ୍କୁ ବୁଧବାର ଦାୟିତ୍ୱମୁକ୍ତ କରାଯାଇଛି। ବୁଧବାର ବିଏମ୍‌ସି ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଏ ଆଣ୍ଡ ପିଜି ବିଭାଗ ପକ୍ଷରୁ ଗତ ୭ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଆଧାରରେ ଜେଠୀଙ୍କ ବଦଳି ହୋଇଛି। ସେ ଜଗତ୍‌ସିଂହପୁର ଜିଲା ପରିଷଦରେ ଚିଫ୍ ଡେଭଲପ୍‌ମେଣ୍ଟ ଅଫିସର(ସିଡିଓ) ତଥା ଏକ୍‌ଜିକ୍ୟୁଟିଭ୍ ଅଫିସର(ଇଓ) ଭାବେ ଯୋଗଦେବେ। ଅନ୍ୟପଟେ ଯାଜପୁରର ଡେପୁଟି କଲେକ୍ଟର କାଜଲ ପ୍ରଧାନ ବିଏମ୍‌ସିର ଡେପୁଟି କମିଶନର ଭାବେ ବଦଳି ହୋଇଛନ୍ତି।

## ସଂକ୍ଷେପରେ

### ନନ୍ଦନକାନନରେ ନୂଆ ଅତିଥି



ବାରଙ୍ଗ,୨୫।୧୦(ଲିଙ୍ଗରାଜ ରାଉତ)

ପାଖେଇ ଆସିଲାଣି ପର୍ଯ୍ୟଟନ ଋତୁ। ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନୂଆ ନୂଆ ଜୀବଜନ୍ତୁ ଆଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିଛି ମାସ ପୂର୍ବରୁ ହୁଲକ ଗିବନକୁ ନନ୍ଦନକାନନକୁ ଆଣିବା ପରେ ପୁଣି ବୁଧବାର ପ୍ରାଣୀ ଉଦ୍ୟାନକୁ ନୂଆ କରି ୨ଟି କାସୁଓ୍ୱାରି ପକ୍ଷୀକୁ କ୍ରୟକରି ଅଣାଯାଇଛି। ସେମାନଙ୍କ ମଧ୍ୟରେ ଗୋଟିଏ ଅଣ୍ଡିରା ଏବଂ ଗୋଟିଏ ମାଈ କାସୁଓ୍ୱାରି ଅଛନ୍ତି। ପକ୍ଷୀ ଆସିବା ପରେ ପ୍ରଥମେ ସେମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରେଣ୍ଟାଇନରେ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇଛି। ସେମାନଙ୍କୁ ୨୦ -୩୦ ଦିନ ପାଇଁ କ୍ୱାରେଣ୍ଟାଇନରେ ରଖିବା ପରେ ଏନ୍‌କ୍ଲୋଜରରେ ଛଡ଼ାଯିବ ବୋଲି ଜଣାପଡ଼ିଛି। ଏହି ପ୍ରଜାତିର ପକ୍ଷୀମାନେ ସାଧାରଣତଃ ନ୍ୟୁଗିନିଆ ଓ ଅଷ୍ଟ୍ରେଲିଆରେ ବହୁଳ ଭାବେ ଦେଖାଦିଅନ୍ତି। ପକ୍ଷୀଙ୍କ ମଧ୍ୟରେ ଏମାନେ ମାରାତ୍ମକ ହୋଇଥାନ୍ତି। ସେମାନେ ସେମାନଙ୍କ ପଞ୍ଝା ସାହାଯ୍ୟରେ ମଣିଷକୁ ଆକ୍ରମଣ କରିଥାନ୍ତି।

### ପାର୍ବଣରେ ଡକାୟତି ଯୋଜନା: ୨ ଭାଇଙ୍କ ସମେତ ୭ ଗିରଫ

ଭୁବନେଶ୍ୱର,୨୫।୧୦ (ସୂର୍ଯ୍ୟକାନ୍ତ ବେହେରା)

ହାଡବାଇ ବସ୍ତିର ଲକ୍ଷ୍ମୀନାରାୟଣ ମନ୍ଦିର ନିକଟ ଏକ ଅନ୍ଧାରୁଆ ସ୍ଥାନରେ ରହି ଦୁର୍ଗାପୂଜାରୁ ଭୋଟପଡା ତଥା ପଟିଆ ଅଭିମୁଖେ ଫେରୁଥିବା ଲୋକଙ୍କଠାରୁ ସଶସ୍ତ୍ର ଡକାୟତି ଯୋଜନାବେଳେ ମଞ୍ଚେଶ୍ୱର ଥାନା ପୋଲିସ ୨ଭାଇଙ୍କ ସମେତ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଦୁଇଭାଇ ସଞ୍ଜୟ ଦାସ ଓ ମିଥୁନ ଦାସଙ୍କ ସହ ତପନ ଭୋଇ,ସାଗର ଭୋଇ, ଦୀପକ କୁମାର ସେଠୀ, ସନ୍ତୋଷ ଦାସ ଓ ରାଜେଶ ଭୋଇ। ସେମାନଙ୍କଠାରୁ ୩ଟି ମୋବାଇଲ, ୨ଟି ଲୁହା ଛଡ, ୨ଟି ବାଉଁଶ ଠେଙ୍ଗା, ୨ଟି ଛୁରି, ଏକ ଟର୍ଚ୍ଚ ଲାଇଟ, କିଛି ଲଙ୍କା ଗୁଣ୍ଡା ଓ ମଦ ବୋତଲ ଜବତ ହୋଇଛି। ଅଭିଯୁକ୍ତ ତପନଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ୪ଟ, ସାଗରଙ୍କ ନାମରେ ୩ଟି ଓ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଛି। ଦୀପକଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ୩ଟି, କ୍ୟାପିଟାଲ ଥାନାରେ ଗୋଟିଏ, ଓ ପୁରୀ କୁମ୍ଭାରପଡା ଥାନାରେ ଗୋଟିଏ, ସଞ୍ଜୟ, ସନ୍ତୋଷ, ରାଜେଶ ଓ ମିଥୁନଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି।

### ପୂର୍ବତନ ବିଧାୟକ ଅଜୟ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)



ବ୍ରହ୍ମଗିରିର ପୂର୍ବତନ ବିଧାୟକ ଅଜୟ ଜେନାଙ୍କର ଗତ ୨୩ ତାରିଖରେ ଭୁବନେଶରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଲୋହିଆ ଏକାଡେମୀ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଜେନା ତାଙ୍କ ସାଙ୍ଗଠନିକ ଦକ୍ଷତା, ଲୋକଙ୍କୁ ନିବିଡ଼ ଭାବରେ ଭଲ ପାଇବା, ତୃଣମୂଳସ୍ତରରେ ସମସ୍ୟାର ସମାଧାନ, କୃଷି ଓ କୃଷକର ଉନ୍ନତି କରିବା ଆଦି କାର୍ଯ୍ୟ ପାଇଁ ସବୁଦିନ ପାଇଁ ମନେରହିବେ। ତାଙ୍କ ବିୟୋଗରେ ଏକ ମୂଲ୍ୟବୋଧଭିତ୍ତିକ ରାଜନୀତିର ଅବସାନ ଘଟିଲା ବୋଲି ଏକାଡେମୀ ସଭାପତି ଶାରଦା ଚରଣ ମହାନ୍ତି, ସମ୍ପାଦକ ଦେବପ୍ରସାଦ ରାୟ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ପ୍ରମୁଖ କହିଛନ୍ତି। ଜେନାଙ୍କ ବିୟୋଗରେ ଏକ ମୂଲ୍ୟବୋଧଭିତ୍ତିକ ରାଜନୀତିର ଅବସାନ ଘଟିଲା ବୋଲି ଶୋକପ୍ରକାଶ କରିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

# ଭସାଣି ଶୋଭାଯାତ୍ରାରେ ଖଣ୍ଡାରେ ଆକ୍ରମଣ

ଭୁବନେଶ୍ୱର,୨୫।୧୦(ସତ୍ୟଜିତ୍ ରାଉତ)



ମଞ୍ଚେଶ୍ୱର ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ଧାରଣା ଦେଇଛନ୍ତି।

## ଦୁଇ ଭାଇଙ୍କ ସମେତ ୩ ଆହତ

### ମଞ୍ଚେଶ୍ୱର ଥାନା ଆଗରେ ଧାରଣା, ଗେଟ୍ ବନ୍ଦ କଲେ ଉତ୍ତ୍ୟକ୍ତ ଲୋକେ

ରାଜଧାନୀରେ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ବେଳେ ହିଂସା ଦେଖିବାକୁ ମିଳିଛି। ରସୁଲଗଡ଼ ପୂଜା କମିଟିର ଦଶହରା ମେଢ଼ ପରିକ୍ରମା ବେଳେ ବୁଧବାର ମଞ୍ଚେଶ୍ୱର ଥାନା ନିକଟ ଏକ ହୋଟେଲ ସମ୍ମୁଖରେ ଖଣ୍ଡାରେ ଆକ୍ରମଣ ହୋଇଛି। ସନ୍ଧ୍ୟା ପ୍ରାୟ ୭ଟା ୩୦ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଖଣ୍ଡା ଆକ୍ରମଣରେ ଅନ୍ୟ ଗୋଷ୍ଠୀର ଦୁଇ ଭାଇଙ୍କ ସମେତ ୩ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ରସୁଲଗଡ଼ ଗାଁର ପ୍ରକାଶ ରାଉତରାଏ, ତାଙ୍କ ସାନ ଭାଇ ପ୍ରଭାତ ରାଉତରାଏ ଏବଂ ପଳାଶୁଣୀ ଗାଁର ମୁନା ରାଉଳ। ମୁନାଙ୍କ ପାପୁଲିରେ ଖଣ୍ଡା ଚୋଟ ବାଜିବା ସହ ଅନ୍ୟ ଦୁଇ ଭାଇଙ୍କ ଆଖିରେ ଖଣ୍ଡା ବେଣ୍ଟ ବାଜିଛି। ଏନେଇ ପ୍ରକାଶ ରାଉତରାଏ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଆଧାର କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ରସୁଲଗଡ଼ ପୂଜାମେଢ଼ ଗାଁ ଭିତର ପରିକ୍ରମା କରି ଫ୍ଲାଏ ଓଭର ବ୍ରିଜ୍ ତଳ ନିକଟରେ ଆସୁଥିବା ବେଳେ ଏହି ଗଣ୍ଡଗୋଳ ହୋଇଥିଲା। ୫ ମାସ ତଳର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ପୂଜା କମିଟିର ଗୋଟିଏ ଗୋଷ୍ଠୀର କିଛି ଯୁବକ ମାଡ଼ ମାରିଥିଲେ। ଏହାକୁ ପ୍ରକାଶ ଓ ଅନ୍ୟମାନେ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହେବା ସହ ଗଣ୍ଡଗୋଳ ହୋଇଥିଲା। ସେମାନଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ସହ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରେ ଅପର ଗୋଷ୍ଠୀର ଯୁବକମାନେ ଖଣ୍ଡା ଦେଖାଇ ଭୟଭୀତ କରାଇଥିଲେ। ପୋଲିସ ସେଠାରେ ଉପସ୍ଥିତ ରହି ବୁଝାଇବା ପରେ ମଧ୍ୟ ସେମାନେ ବୁଝି ନ ଥିଲେ। କିଛି ସମୟ ପରେ ମେଢ଼ ସେଠାରୁ ଯିବା ପରେ ମଞ୍ଚେଶ୍ୱର ଥାନା ଆଗରେ ଆହତଙ୍କ ସମେତ ଅନ୍ୟମାନେ ଧାରଣା ଦେଇଥିଲେ। ପୋଲିସ ଏତଲା ଗ୍ରହଣ କରୁ ନ ଥିବା ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରସୁଲଗଡ଼ ପୂଜା କମିଟିର ୪୦ରୁ ଊର୍ଦ୍ଧ୍ୱ ଯୁବକ ଥାନା ଆଗରେ ହୋହଲ୍ଲା କରିଥିଲେ। ଏପରିକି ସେମାନେ କିଛି ସମୟ ଥାନା ଗେଟ୍ ମଧ୍ୟ ବନ୍ଦ କରିଦେଇଥିଲେ। ପରେ ସେମାନଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୩ ଦିନରେ ୩୦ରୁ ଊର୍ଦ୍ଧ୍ୱ ମାମଲା

ଭୁବନେଶ୍ୱର,୨୫।୧୦ (ସତ୍ୟଜିତ୍ ରାଉତ)

**ଦୁର୍ଗାପୂଜାରେ ବଢ଼ିଗଲା ଲୁଟ୍, ଚୋରି**
- ନେଇଗଲେ ୪୦ରୁ ଊର୍ଦ୍ଧ୍ୱ ସୁନା ଚେନ୍, ୨ଶହ ମୋବାଇଲ
- ୨୭ ବାଇକ୍ ଚୋରି

ଦୁର୍ଗାପୂଜାରେ ଭୁବନେଶ୍ୱରର ବିଭିନ୍ନ ପୂଜାମଣ୍ଡପରେ ଭିଡ଼ର ସୁଯୋଗ ନେଇ ଲୁଟ୍ ଓ ଚୋରି ଘଟଣା ବଢ଼ିବ ବୋଲି ଆଶଙ୍କା କରାଯାଇଥିଲା। ସେହି ଦୃଷ୍ଟିରୁ ପୋଲିସ କେତେଜଣ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏଥିସହ ପୂଜାରେ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ୩୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା। ୧୨ ଅତିରିକ୍ତ ଡିସିପି, ୨୩ ଏସିପି, ୪୧ ଇନ୍ସପେକ୍ଟର ସୁରକ୍ଷା ଦାୟିତ୍ୱରେ ଥିଲେ। ପୂଜା ମଣ୍ଡପରେ ସିସିଟିଭି ଲଗାଯିବା ସହ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଥିଲା। ଏସବୁ ସତ୍ତ୍ୱେ ପୂଜାରେ ଚୋର ଓ ଲୁଟେରା ବେଶ୍ ସକ୍ରିୟ ହୋଇ ଉଠିଥିଲେ। ମିଳିଥିବା ସୂଚନାନୁସାରେ, ରସୁଲଗଡ଼, ନୟାପଲ୍ଲୀ, ବମିଖାଲ, ଶହୀଦନଗର, ପୁରୁଣା ଷ୍ଟେଶନ ବଜାର, ବରମୁଣ୍ଡା ଆଦି ୮ଟି ବଡ଼ ମଣ୍ଡପରୁ ଅଷ୍ଟମୀ, ନବମୀ ଓ ଦଶମୀରେ ୨ଶହରୁ ଅଧିକ ମୋବାଇଲ୍, ୪୦ରୁ ଊର୍ଦ୍ଧ୍ୱ ସୁନାଚେନ୍, ପ୍ରାୟ ୨୭ ବାଇକ ଓ ୩୧ ଜଣଙ୍କଠାରୁ ମନିପର୍ସ ତଥା ଭ୍ୟାନିଟି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତେବେ ବିଭିନ୍ନ ଥାନାରେ ୩୦ରୁ ଊର୍ଦ୍ଧ୍ୱ ଚୋରି ଓ ଲୁଟ୍ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଏପରି କି ଏଥିରେ ବାହାର ରାଜ୍ୟର ଅପରାଧୀ ସାମିଲ ଥିବା ପୋଲିସ ଜାଣିବାକୁ ପାଇଛି। ପୂଜା ମଣ୍ଡପକୁ ସିସିଟିଭି ନଜରରେ ରଖାଯାଇଥିବାବେଳେ ଏଭଳି ଘଟଣାକୁ ନେଇ ଅଧିକ ଚର୍ଚ୍ଚା ସୃଷ୍ଟି ହୋଇଛି। ଯେଉଁ ପରିମାଣରେ ଚୋରି ଓ ଲୁଟ୍ ହେଲା ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବଡ଼ କଥା ହେଉଛି, ଚୋରି ଓ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଙ୍କ ଲିଖିତ ଅଭିଯୋଗକୁ ପୋଲିସ ଗ୍ରହଣ କରିଥିଲେ ମଧ୍ୟ ସବୁଥିରେ ମାମଲା ରୁଜୁ କରି ନ ଥିବା ଜଣାପଡିଛି। ଏପରିକି ବାଇକ୍ ଓ ମୋବାଇଲ୍ ଚୋରି କ୍ଷେତ୍ରରେ ଏତଲାରେ ମିସିଂ ଦର୍ଶାଇବାକୁ ପୋଲିସ ବାଧ୍ୟ କରିଥିବା ଭଳି ଗୁରୁତର ଅଭିଯୋଗ ଉଠୁଛି। ଚୋରି ହୋଇଥିବା ବାଇକ୍‌ର ଇନ୍ସ୍ୟୁରାନ୍ସ ନ ଥିଲେ ତାହାର ଏତଲା ଗ୍ରହଣ ନ କରିବାକୁ ଥାନାକୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା ମଧ୍ୟ ସୂଚନା ମିଳିଛି। ତେବେ ପୋଲିସ ଏସବୁ ଘଟଣାରେ ଅପରାଧୀଙ୍କୁ ଧରିବାକୁ ଛାନ୍‌ଭିନ୍ ଚଳାଇଥିବା କହିଛି। କେତେଜଣ ଅଣଓଡ଼ିଆ ଅପରାଧୀ ଏହି କାଣ୍ଡ ଘଟାଇ ଫେରାର ହୋଇଯାଇଥିବା ମଧ୍ୟ ପୋଲିସ ସନ୍ଦେହ କରୁଛି।

# ୮ଜଣିଆ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗ୍ ଧରାପଡ଼ିଲା



ଗିରଫ ହୋଇଥିବା ଗ୍ୟାଙ୍ଗର ୮ ସଦସ୍ୟ, ଜବତ ଟଙ୍କା, ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ।

ଭୁବନେଶ୍ୱର,୨୫।୧୦ (ସୂର୍ଯ୍ୟକାନ୍ତ ବେହେରା)

ପାର୍ବଣ ସମୟରେ ଭିଡ ଭିତରେ ପଶି ମଣ୍ଡପ ବୁଲି ଆସିଥିବା ଶ୍ରଦ୍ଧାଳୁଙ୍କଠାରୁ ଚୋରି କରୁଥିବା ଏକ ୮ ଜଣିଆ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗକୁ ଲକ୍ଷ୍ମୀସାଗର ଥାନା ପୋଲିସ ଧରିଛି। ସେମାନେ ହେଲେ ବିହାରର ସଞ୍ଜିତ ଦାଶ, ମୁକେଶ ଦାଶ, ରାହୁଲ କୁମାର, ଅମିର ଦାଶ, ଗୁରୁଦେବ କୁମାର, ତନ୍ଦନ କୁମାର, ଧୀରାଜ କୁମାର ଓ ରୋହିତ କୁମାର। ସେମାନଙ୍କଠାରୁ ନଗଦ ୧ ହଜାର ଟଙ୍କା, ୨ଟି ଚାବି , ୪ଟି ମୋବାଇଲ ଫୋନ୍ ଆଦି ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ ୪୦୮/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ନୟାପଲ୍ଲୀ ଅଞ୍ଚଳର ନିହାରିକା ରାମ ବମିଖାଲ ପୂଜା ମଣ୍ଡପ ବୁଲି ଆସିଥିବାବେଳେ ତାଙ୍କ ପର୍ସ ଚୋରି ହୋଇଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଥିଲା।

# ମହାପ୍ରଭୁଙ୍କ ରାଧାଦାମୋଦର ବେଶ

### ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ସହ ବାଲଭୋଗ ଆରମ୍ଭ

ପୁରୀ, ୨୫।୧୦(ଅଜିତ୍ ମହାନ୍ତି)

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ୍ ବୁଧବାରଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହେବା ସହ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଧାଦାମୋଦର ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀବିଗ୍ରହମାନଙ୍କ ଏହି ବେଶ ଦୀର୍ଘ ଏକ ମାସ ଧରି ଚାଲିବ। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରୁ କାର୍ତ୍ତିକ ଶୁକ୍ଳ ଦଶମୀ ତିଥି ପର୍ଯ୍ୟନ୍ତ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ସେହିପରି ଏକାଦଶୀ ତିଥିରୁ ମହାପ୍ରଭୁଙ୍କ ନିକଟରେ ବାଲଭୋଗ ଲାଗିହୋଇଛି।

# ଚୋରିକୁ ବିରୋଧ କରିବାରୁ ହୋଟେଲ ମାଲିକଙ୍କୁ ଖଣ୍ଡାରେ ହାଣିଲେ

ଭୁବନେଶ୍ୱର,୨୫।୧୦(ସତ୍ୟଜିତ୍ ରାଉତ)

ରାଜଧାନୀରେ ଦୁର୍ବୃତ୍ତମାନେ ଆତଙ୍କରାଜ ଘଟାଇଛନ୍ତି। ସେମାନେ ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ସି-୧୧ ରେ ଥିବା ଏକ ଓୟୋ ହୋଟେଲ ମାଲିକଙ୍କୁ ବୁଧବାର ରାତି ପ୍ରାୟ ୧୧ଟାରେ ଖଣ୍ଡାରେ ହାଣିଛନ୍ତି। ଆକ୍ରମଣର ଶିକାର ହୋଟେଲ ମାଲିକ ସାଜନ ସାମଲ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସାଜନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ହାଉସିଂ ବୋର୍ଡ କଲୋନୀର ସି -୧୧ରେ ଥିବା ଏକ ଓୟୋ ହୋଟେଲରେ ମଙ୍ଗଳବାର ରାତିରେ କେତେକ ଦୁର୍ବୃତ୍ତ ଚୋରି କରିବାକୁ ପଶିଥିଲେ। ହୋଟେଲରେ ଲାଗିଥିବା ସିସି ଟିଭି ଫୁଟେଜରୁ ଏହା ଜାଣିପାରି ସାଜନ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୪ଜଣଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ତେବେ ସେମାନଙ୍କୁ ପୋଲିସ ବୁଧବାର ଛାଡ଼ି ଦେଇଥିଲା। ରାତିରେ ସେମାନେ ଉକ୍ତ ଘଟଣାକୁ କେନ୍ଦ୍ର କରି ହୋଟେଲରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ସାଜନଙ୍କୁ ଅଭିଯୁକ୍ତମାନେ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ଭଗବତୀ ଚରଣ ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ଥିଲେ

ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)

### ରାଜ୍ୟସ୍ତରୀୟ ସ୍ମୃତି ସମାରୋହ

ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ତଥା ଓଡ଼ିଆ ସାହିତ୍ୟରେ ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୦ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ସିପିଆଇର ବରିଷ୍ଠ ନେତା ଦିବାକର ନାୟକଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ସିପିଆଇ(ଏମ) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଓ ସିପିଆଇ (ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିପ୍ଳବୀ ଭଗବତୀ ପାଣିଗ୍ରାହୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଧୁନିକ ଓଡ଼ିଶାର ଇତିହାସରେ କୁଳବୃଦ୍ଧ ମଧୁସୂଦନ ଓଡ଼ିଆ ଅସ୍ମିତା ଓ ଜାତୀୟତାର ପ୍ରତୀକ ଥିବାବେଳେ ଉତ୍କଳମଣି ଗୋପବନ୍ଧୁ ଦାସ ସ୍ୱାଧୀନତା ସଂଗ୍ରାମର ଜାତୀୟ ମହାସ୍ରୋତରେ ଓଡ଼ିଶାକୁ ସାମିଲ କରିଥିଲେ। ଠିକ୍ ସେଇଭଳି ଭଗବତୀ ଚରଣ ପାଣିଗ୍ରାହୀ ଓଡ଼ିଶାରେ ମାର୍କ୍ସବାଦୀ ଚିନ୍ତାଧାରା ଓ ଅନ୍ତର୍ଜାତୀୟତାବାଦର ଆଦ୍ୟ ପ୍ରବର୍ତ୍ତକ ଥିଲେ। ୧୯୩୪ରେ ଗଠିତ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ସେ ସମ୍ପାଦକ ଥିଲେ। ୧୯୩୫ରେ ନବଯୁଗ ସାହିତ୍ୟ ସଂସଦର ପ୍ରମୁଖ ବିଦ୍ଧାଣି ଭାବେ ପରିଚିତ ହୋଇଥିଲେ। ୧୯୩୬ରେ ସେ ଗୁରୁଚରଣ ପଟ୍ଟନାୟକ ଓ ପ୍ରାଣନାଥ ପଟ୍ଟନାୟକଙ୍କ ସହ ମିଶି ଓଡ଼ିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରିଥିଲେ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ 'ନୂଆଦୁନିଆ'ର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ଓ ଅନ୍ୟ ଅତିଥିଙ୍କ ଦ୍ୱାରା ପ୍ରସ୍ତୁତ 'ଭଗବତୀ ବିଶେଷାଙ୍କ' ଉନ୍ମୋଚିତ ହୋଇଥିବାବେଳେ ପ୍ରାଣନାଥ ପଟ୍ଟନାୟକଙ୍କ ପୁଅ ତଥା ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକଙ୍କ ପୁଅ ବିପ୍ଳବ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ପ୍ରାରମ୍ଭିକ ସୂଚନା ଓ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା ଧନ୍ୟବାଦ ଦେଇଥିଲେ।

# ଆଜିଠାରୁ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର,୨୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

### ଯତିନ ଦାସ ପାଇବେ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'




ଖବରଦାତା ସମ୍ମିଳନୀରେ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

କିମ୍ବଦନ୍ତୀ ଓଡ଼ିଶୀ ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାରା ପକ୍ଷରୁ ୧୭ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଗୁରୁବାରଠାରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୬ଟା ୩୦ରୁ ହେବାକୁ ଥିବା ଏହି ଉତ୍ସବରେ ଚଳିତ ବର୍ଷ ବିଶିଷ୍ଟ ଚିତ୍ରଶିଳ୍ପୀ, ପଥରଶିଳ୍ପୀ ଓ ବ୍ୟଙ୍ଗାତ୍ମକ ଚିତ୍ରଶିଳ୍ପୀ ଯତିନ ଦାସଙ୍କୁ ଆଜୀବନ ଚିତ୍ରକଳା ସାଧନା ନିମନ୍ତେ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ୨୦୨୩' ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ ଇଲିୟାନା ଚିତାରିସ୍ତି, କଥକ ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଦୁଇ ଭଉଣୀ କମଳିନୀ ଅସ୍ଥାନା ଓ ନଳିନୀ ଅସ୍ଥାନା, ଭାରତନାଟ୍ୟମ ନୃତ୍ୟରେ ପ୍ରସିଦ୍ଧି ଲାଭ କରିଥିବା ପ୍ରତିଭା ପ୍ରହ୍ଲାଦ ଏବଂ ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଗୁରୁ ରାମକ୍ରୀଷ୍ଣା ତାଲୁକଦାରଙ୍କୁ 'ଗୁରୁ ଦେବପ୍ରଦାସ ସମ୍ମାନ ୨୦୨୩' ପ୍ରଦାନ କରାଯିବ। ସେହିଭଳି ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ ୨୦୨୩ରେ ଓଡ଼ିଶୀ ନୃତ୍ୟରେ ଗୁରୁ ସୋନାଲି ମହାପାତ୍ର ଓ ଦୀପିକା ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ସନ୍ଧ୍ୟାରେ ପୁରସ୍କାର ବିତରଣ କରାଯିବ। ଏ ନେଇ ବୁଧବାର ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଚଳଚ୍ଚିତ୍ର ରୂପରେ ଆସିବ ଶ୍ରୀଜଗନ୍ନାଥଙ୍କ 'ନବକଳେବର'




ଚଳଚ୍ଚିତ୍ର ନିର୍ମାଣ ସମ୍ପର୍କରେ ସାଇ ଶ୍ରଦ୍ଧା ପ୍ରଡ଼କ୍ସନ ସୌଭାଗ୍ୟ ଲକ୍ଷ୍ମୀ ଜେନା ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୨୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ନିର୍ମାଣ ହେବ ଚଳଚ୍ଚିତ୍ର 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'। ସାଇ ଶ୍ରଦ୍ଧା ପ୍ରଡ଼କ୍ସନ ପକ୍ଷରୁ ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରଡ଼କ୍ସନ ମୁଖ୍ୟ ସୌଭାଗ୍ୟ ଲକ୍ଷ୍ମୀ ଜେନା କହିଛନ୍ତି, ନାଟକ 'ନବକଳେବର'ରୁ ଚଳଚ୍ଚିତ୍ର ହେବାକୁ ଯାଉଛି। ଏହାର ନିର୍ମାଣ ଆସନ୍ତା ୫ ତାରିଖରେ ଗୁଜରାଟରେ ଆରମ୍ଭ ହେବାକୁ ଚୂଡାନ୍ତ ହୋଇଛି। ସୌଭାଗ୍ୟ ଲକ୍ଷ୍ମୀ ଜେନା ଓ ଦିଲୀପ ଜେନା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବାବେଳେ ଚିତ୍ର ନାଟ୍ୟ ଓ ସଂଳାପ ଶଙ୍କର ତ୍ରିପାଠୀ ଏବଂ ସଙ୍ଗୀତରେ ମଳୟ ମିଶ୍ର ରହିଛନ୍ତି। ଅଭିନୟରେ ସିଦ୍ଧାନ୍ତ ମହାପାତ୍ର, କୁନା ତ୍ରିପାଠୀ, ଶ୍ରୀତମ ଦାସ, ଜ୍ୟୋତି, ଶିବାନୀ, ନପ୍ରୀତ, ସୂର୍ଯ୍ୟମୟୀ, ଦେବୁ ପଟ୍ଟନାୟକ, ଅଂଶୁମୋଚନ, ଋଷି ପଟ୍ଟନାୟକ ଓ ସୌଭାଗ୍ୟ ଲକ୍ଷ୍ମୀ ଜେନା ରହିଛନ୍ତି। ଏହି ଅବସରରେ ଶଙ୍କର ତ୍ରିପାଠୀଙ୍କ ଲିଖିତ ପକ୍ଷୀଘର ପ୍ରକାଶିତ ପୁସ୍ତକ 'ନବକଳେବର' ଲୋକାର୍ପିତ ହୋଇଥିଲା। ପ୍ରକାଶକ ବନୋଜ ତ୍ରିପାଠୀ ଉପସ୍ଥିତ ଥିଲେ।

### ଏଜି କଲୋନୀରେ ସରିଲା ଦୁର୍ଗା ପୂଜା

# ମା'ଙ୍କ ସମ୍ମୁଖରେ ସିନ୍ଦୂରଖେଳ

ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)

ପୁରୁଣା ଓ ନୂଆ ଏଜି କଲୋନୀରେ ସାର୍ବଜନୀନ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବଙ୍ଗୀୟ ରୀତିନୀତି ସହ ନୂଆ କଲୋନୀରେ ଭାରତର ୧୨ଟି ପ୍ରଦେଶର ବିଭିନ୍ନ ଭାଷାଭାଷୀ ଓ ଧର୍ମାନୁଳମ୍ବୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ଓଡ଼ିଆ ରୀତିନୀତି ଅନୁସାରେ ମା'ଙ୍କର ପୂଜା ଅର୍ଚ୍ଚନା କରାଯାଇଥିଲା। ୫ଦିନ ବ୍ୟାପୀ ପୂଜାରେ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ କରିଥିଲେ। ପୁରୁଣା ଏଜି କମିଟି ପକ୍ଷରୁ ସେମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଦିବସରେ ଦୁଇ କଲୋନୀରେ ନୃତ୍ୟ, ଭଜନ ସନ୍ଧ୍ୟା, ପ୍ରବାସୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ଡାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା। ନୂଆ କଲୋନୀରେ ନବମୀ ଦିନ ଏଜି କଳାକାରଙ୍କ ଦ୍ୱାରା ନାଟକ 'କରମାବାଇ' ମଞ୍ଚସ୍ଥ ହୋଇଥିଲା। ବିଜୟା ଦଶମୀରେ ପୂର୍ଣ୍ଣାହୁତି ପରେ ବଙ୍ଗୀୟ ମହିଳା ଶ୍ରଦ୍ଧାଳୁ ମା'ଙ୍କୁ ମିଠା, ପାନ ଅର୍ପଣ କରିଥିଲେ। ଏହାପରେ ପାରମ୍ପାରିକ ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥିଲା। ବୁଧବାର ଭସାଣି ପୂର୍ବରୁ କଲୋନୀ ମଧ୍ୟରେ ମା'ଙ୍କୁ ବାଣ, ରୋଷଣୀ ଓ ବାଜା ସହ ଶୋଭାଯାତ୍ରାରେ ନିଆଯାଇଥିଲା। ପୁରୁଣା କଲୋନୀ ପୂଜା କମିଟି ସମ୍ପାଦକ ଦୀପ୍ତି ରଞ୍ଜନ ରାଏ, ସୁଶାନ୍ତ ମୁଦୁଲି,ସୁରେଶ ମହାନ୍ତି ଓ ନୂଆ କଲୋନୀର ପୂଜା କମିଟି ସମ୍ପାଦକ ହରପ୍ରସାଦ ମହାପାତ୍ର, ସତ୍ୟ ନାରାୟଣ ମିଶ୍ର, ଅଶୋକ ପଟ୍ଟନାୟକ,ବଳରାମ ପାତ୍ର ଜୟଦେବ ଶାସନି, ବ୍ୟାସଦେବ ଚୌହାନ ଓ ସୁଶାନ୍ତ ରଥ ପୂଜାର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ।



ଏଜି କଲୋନୀରେ ମା'ଙ୍କ ସମ୍ମୁଖରେ ବିଭିନ୍ନ ସମ୍ପ୍ରଦାୟର ମହିଳାମାନେ ସିନ୍ଦୁର ଖେଳୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ଅକ୍ଟୋବର, ୨୦୨୩



## ବିନ୍ଧାଣିମାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଡିଗିରିଆ,(ଜାଫର ଖାଁ): ଡିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତରେ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଣେଶ୍ୱର ଦେବଙ୍କ ମନ୍ଦିରଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁଅ ଆଦିତ୍ୟ ପ୍ରତାପ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ପଦଯାତ୍ରାରେ ମାୟାଧର ରାଉତ, ଅଜିତ ଧୀର, ହିମାଂଶୁ ସ୍ୱାଇଁ, ରୂପା ଦଳେଇ, ସସ୍ମିତା ରାଉତ, ମିଟୁ ରାଉତ, ସମସୁରା ବେଗମ, ବିଜୟ ବଳିୟାର ସିଂ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଭସାଣିବେଳେ ଗଣ୍ଡଗୋଳ, ୪ ଆହତ

କଟକ ସଦର,୨୫।୧୦(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଓ ଗଳିସାହି ବାରୁଆଲି ଦୁର୍ଗାମୂର୍ତ୍ତି ଭସାଣିବେଳେ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିସହ ଉଭୟ ପକ୍ଷ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କିଶନ ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଯାତାୟାତକୁ ନେଇ ଏହି ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ରିପୋର୍ଟ ଲେଖାଯିବାବେଳକୁ ରାମଚନ୍ଦ୍ରପୁରର ଦୁର୍ଗାମୂର୍ତ୍ତି ବିସର୍ଜନ ହୋଇପାରି ନ ଥିଲା। ପରମ୍ପରା ଅନୁଯାୟୀ ସର୍ବପ୍ରଥମେ ଏହି ମେଢ଼ ମହାନଦୀକୁ ବିସର୍ଜନ ପାଇଁ ଯାଇଥାଏ। ପରେ ଅନ୍ୟ ମେଢ଼ ପାଳି ଅନୁସାରେ ବିସର୍ଜନ ପାଇଁ ଯାଏ। ଚଳିତବର୍ଷ ଏହି ପରମ୍ପରା ଭଙ୍ଗ ହୋଇଥିବା ଜଣାପଡିଛି। ଆପୋଷ ସମାଧାନ ପାଇଁ ଉଭୟ ପକ୍ଷର ଭଦ୍ର ଲୋକମାନେ ଉଦ୍ୟମ ଜାରି ରଖିଛନ୍ତି।

### କ୍ରିକେଟ୍: ଡ୍ରିମ୍‌ସ ଟାଇଟନ୍ ଚାମ୍ପିୟନ

କଟକ,୨୫।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଶାରଦୀୟ ପାର୍ବଣ ଅବସରରେ ଡ୍ରିମ୍‌ସ ଗ୍ରାଉଣ୍ଡରେ ରଥ ୱାରିୟର୍ ଓ ଡ୍ରିମ୍‌ସ ଟାଇଟନ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଡ୍ରିମ୍‌ସ ଟାଇଟନ୍ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ରଥ ୱାରିୟର ୧୫୮ ରନ୍ ସଂଗ୍ରହ କରିଥିଲା। ୧୬ ଓଭରରେ ଡ୍ରିମ୍‌ସ ଟାଇଟନ୍ ୧୫୯ ରନ୍ କରି ଚାମ୍ପିୟନ୍ ହୋଇଥିଲା। ଦଳର କ୍ୟାପଟେନ୍ ରଣଜିତ୍ କୁମାର ସାହୁ ୪ ଉଇକେଟ୍ ସହ ସର୍ବାଧିକ ୫୪ ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ। ଅପରପକ୍ଷରେ ରଥ ୱାରିୟରର କ୍ୟାପଟେନ୍ ଦୁର୍ଗାପ୍ରସାଦ ରଥ, ବୈଭବ ଷଡଙ୍ଗୀ ଓ ଶିପ୍ରସାଦ ରଥ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଆୟକର ବିଭାଗର ଆୟୁକ୍ତ ସମ୍ବିତ୍ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚମ୍ପିୟନ୍ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ରଣଜିତ୍ କୁମାର ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ସୁବ୍ରତ କୁମାର ନନ୍ଦୀ ଓ ଅବିନାଶ ଜେନା ଖେଳ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ପ୍ରଦାନ

ଖୁଣ୍ଟୁଣୀ,୨୫।୧୦(ସଚ୍ଚିଦାନନ୍ଦ ପଣ୍ଡା)

ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ଆହ୍ୱାନକ୍ରମେ ବରିଷ୍ଠ ନାଗରିକ ମଞ୍ଚ ଆଠଗଡ଼ (ନ'ବେଢ଼ା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପିଠାଖିଆଠାରେ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ପ୍ରଦାନ, ସମସ୍ତ ବରିଷ୍ଠ ନାଗରିକ ସଂଘର ସଦସ୍ୟଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା, ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି କରିବା, ବରିଷ୍ଠ ନାଗରିକଙ୍କୁ ମୋ ବସ, ଲକ୍ଷ୍ମୀ ବସ୍, ରେଳ ଓ ବେସରକାରୀ ବସ୍ ଭଡା ୫୦ ପ୍ରତିଶତ ରିହାତି ପ୍ରଦାନ କରିବା, ସମସ୍ତ ସରକାରୀ ଏବଂ ବେସରକାରୀ ମେଡିକାଲରେ ଅଗ୍ରାଧିକାର ଭିତ୍ତିରେ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ଯୋଗାଇ ଦେବା, ବରିଷ୍ଠ ନାଗରିକ ମଞ୍ଚ ନ'ବେଢାର ଏକ ସ୍ଥାୟୀ ସଭାଗୃହ ପାଇଁ ଗୁରୁଡିଝାଟିଆଠାରେ ନିଃଶୁଳ୍କ ଜମି ଯୋଗାଇଦେବା ଏବଂ ସଂଘର ବିଭିନ୍ନ କାର୍ଯ୍ୟକ୍ରମରେ ଆର୍ଥିକ ସହଯୋଗ ପ୍ରଦାନ କରିବା ଭଳି ଦାବି ରହିଛି। ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ବିମ୍ବାଧର ନାୟକଙ୍କ ନେତୃତ୍ୱରେ ବରିଷ୍ଠ ସଭ୍ୟ ନରେନ୍ଦ୍ର କୁମାର ସେଠୀ, ଉଦୟ ନାଥ ମହାନ୍ତି, ଜଗନ୍ନାଥ ଧଳ, କୁମରମଣି ଷଣ୍ଢ, ଗଣେଶ୍ୱର ବରାଳ, ତ୍ରିଲୋକ୍ୟ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠଗଡ଼ ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଉପ ଜିଲାପାଳ ତରାଇ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଗୃହକର୍ତ୍ତାଙ୍କୁ ହାଣିଲେ, ଘରେ କଳାକନା ବୁଲାଇଲେ

## ଏକାଧିକ ସ୍ଥାନରେ ଚୋରି

ନିଶ୍ଚିନ୍ତକୋଇଲି,୨୫।୧୦
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ କିଛି ଦିନ ହେଲା ଦୁର୍ବୃତ୍ତମାନେ ଘରେ ପଶି ଏକାଧିକ ସ୍ଥାନରୁ ନଗଦ ଟଙ୍କା, ବାସନକୁସନ ଓ ଅନ୍ୟ ସାମଗ୍ରୀ ଚୋରି କରିଥିଲା ବେଳେ ଓଥକା ଗାଁର ଜଣେ ଗୃହକର୍ତ୍ତାଙ୍କୁ ହାଣି ଗୁରୁତର କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ୨୩ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକା ଗ୍ରାମର ଉତ୍ତମ କୁମାର ଦଳାଇଙ୍କ ଘରେ କବାଟ ଭାଙ୍ଗି ପ୍ରବେଶ କରି ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ପାଟି ଶୁଣି ପରିବାର



ଆହତ ଉତ୍ତମ କୁମାର ଦଳାଇ

ଲୋକେ ଉଠି ପଡିବାରୁ ଦୁର୍ବୃତ୍ତମାନେ ଖସି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପୁଅ ବିଚିତ୍ରାନନ୍ଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହି ରାତ୍ରିରେ ଦୁର୍ବୃତ୍ତମାନେ ଓଥକା ଗ୍ରାମର ଅଶୋକ କୁମାର ବେହେରାଙ୍କ ଘର କବାଟ ତାଡିଥିଲେ ମଧ୍ୟ କୌଣସି ସାମଗ୍ରୀ ନେଇ ପାରିନାହାନ୍ତି। ନତକାଇ ଗାଁର ତ୍ରିଲୋଚନ ବେହେରାଙ୍କ ଘରେ ପଶି ଦୁର୍ବୃତ୍ତମାନେ ୧୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାସନ କୁସନ ଓ ଅନ୍ୟ ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସେହି ଗ୍ରାମର କେଶବ ପ୍ରଧାନଙ୍କ ଘର ଝରକାକୁ ତାଡି ଥିଲେ ମଧ୍ୟ କୌଣସି ସାମଗ୍ରୀ ନେଇ ପାରିନାହାନ୍ତି। ସେହି ଗ୍ରାମର ଦୁର୍ଲଭ ରାଉତଙ୍କ ଦୋକାନ ଘର କବାଟ ଭାଙ୍ଗି ନଗଦ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ସେହିପରି ଭାବେ ଗ୍ରାମରେ ସଞ୍ଜୟ କୁମାର ଷଡଙ୍ଗୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ନଗଦ ଟଙ୍କା, ବାସନକୁସନ ଓ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଖଣ୍ଡସାହି ବାଲିଆପଦା ଗ୍ରାମର ଏଲଆଇସି ଏଜେଣ୍ଟ ବିଶ୍ୱନାଥ ନନ୍ଦଙ୍କ ଘରର କବାଟ ଓ ଆଲମିରା ଲକର ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂକୁ ବଢାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବାଙ୍କୀ ମହୋତ୍ସବ ପାଇଁ କ୍ରିକେଟ ମ୍ୟାଚ



ମ୍ୟାଚରେ ଭାଗ ନେଇଥିବା ଉଭୟ ଦଳର ଖେଳାଳିମାନେ।

ବାଙ୍କୀ,୨୫।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ମହୋତ୍ସବ ସ୍ଥାନୀୟ କଚେରି ପଡ଼ିଆଠାରେ ଆସନ୍ତା ୨୮ରୁ ୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ଦିନିକିଆ କ୍ରିକେଟ ମ୍ୟାଚ କଚେରି ପଡିଆରେ ବାଙ୍କୀ ମହୋତ୍ସବ ଏକାଦଶ ଏବଂ ବାଙ୍କୀ ପ୍ରଶାସନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ବାଙ୍କୀ ମହୋତ୍ସବ ପକ୍ଷରୁ କମିଟିର ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କ୍ୟାପଟେନ୍ ହୋଇଥିବା ବେଳେ ବାଙ୍କୀ ପ୍ରଶାସନ ତରଫରୁ ଏସ୍‌ଡିପିଓ ଜ୍ଞାନ ମିଶ୍ର କ୍ୟାପଟେନ୍ ଭାର ତୁଲାଇ ଥିଲେ। ଏହି ଖେଳ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ମହୋତ୍ସବ ୧୦ ଓଭରରେ ୫ଉଇକେଟ୍ ହରାଇ ୧୦୭ରନ୍ କରି ଚାମ୍ପିୟନ୍ ହୋଇଥିବା ବେଳେ ବାଙ୍କୀ ପ୍ରଶାସନ ୧୦ ଓଭରରେ ୩ ଉଇକେଟ୍ ବିନିମୟରେ ୮୨ରନ୍ କରି ରନର୍ସ ଅପ୍ ହୋଇଥିଲା। ଏଥିରେ ଚାମ୍ପିୟନ୍ ଦଳର କ୍ୟାପଟେନ୍ ବିଧାୟକ ତ୍ରିପାଠୀ ଟ୍ରଫି ଗ୍ରହଣ କରିଥିବା ବେଳେ ବାଙ୍କୀ ଏକାଦଶର କ୍ୟାପଟେନ୍ ଏସ୍‌ଡିପିଓ ମିଶ୍ର ରନର୍ସ ଟ୍ରଫି ଗ୍ରହଣ କରିଥିଲେ। ଏହି ଖେଳରେ ବାଙ୍କୀ ମହୋତ୍ସବ ଉପସଭାପତି ସନାତନ ବେହେରା, ସୌମେନ୍ଦ୍ର ମିଶ୍ର, ଶ୍ରୀନିବାସ ବେହେରା, ସମରେନ୍ଦ୍ର ମହାପାତ୍ର, ଅନୁପମ ବଥୁଆଲ୍, ଆଥଲେଟିକ୍ ଆସୋସିଏଶନର ପ୍ରଶାନ୍ତ ଦାଶ, ବୃନ୍ଦାବନ ପ୍ରଧାନ, ବିବେକାନନ୍ଦ ସାମଲ ପ୍ରଭୃତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅମ୍ପାୟର ଭାବେ ରାଜକିଶୋର ମହାପାତ୍ର ଏବଂ ଶୁଭେନ୍ଦୁ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ମନୋଜ କୁମାର ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସିନିୟର ସିଟିଜେନ୍ସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମାହାଙ୍ଗା,୨୫।୧୦(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତ କୋଠପଦା ସିନିୟର ସିଟିଜେନ୍ସ କ୍ଲବ ମାହାଙ୍ଗା ପକ୍ଷରୁ ୫ ଦଫା ଦାବିପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କ୍ଲବର ସଭାପତି କୈଳାସ ଚନ୍ଦ୍ର ବଳବନ୍ତରାୟଙ୍କ ନେତୃତ୍ୱରେ ଉପସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ ରତ୍ନାକର ମହାନ୍ତି, ସହ ସମ୍ପାଦକ ଅଲେଖ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ କାହ୍ନୁଚରଣ ସାହୁ, ବିମ୍ବାଧର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନଙ୍କ ଦାବିଗୁଡିକ ହେଲା ବାର୍ଦ୍ଧକ୍ୟ ଭତ୍ତା ୫ ଶହରୁ ୨ ହଜାର ଟଙ୍କାକୁ ବୃଦ୍ଧି, ରାଶନ କାର୍ଡରେ ମିଳୁଥିବା ଚାଉଳକୁ ୫ କି.ଗ୍ରା.ରୁ ୧୫ କି.ଗ୍ରା. ବୃଦ୍ଧି କରିବା, ପୁରୀ ଶ୍ରୀମନ୍ଦିର ସମେତ ରାଜ୍ୟର ପ୍ରମୁଖ ମନ୍ଦିରଗୁଡିକରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ବିଡିଓଙ୍କୁ ସିନିୟର ସିଟିଜେନ୍ସ କ୍ଲବ ପକ୍ଷରୁ ଦାବିପତ୍ର ଦିଆଯାଉଛି।

କରିବା, ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବା, ବରିଷ୍ଠ ନାଗରିକ ମହାସଂଘ ପାଇଁ ଭୁବନେଶ୍ୱରଠାରେ କାର୍ଯ୍ୟାଳୟ ପାଇଁ ଗୃହ ଯୋଗାଇ ଦେବା ଦାବି ଏବିଡିଓ ଜ୍ଞାନରଞ୍ଜନ ପଣ୍ଡାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି।

# ୧୧ଶାଖାର କର୍ମଚାରୀଙ୍କ ଧର୍ମଘଟ




ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ ଧାରଣା।

ବାଙ୍କୀ,୨୫।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ**

ଅଲ୍ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନଙ୍କ ଆହ୍ୱାନକ୍ରମେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସହ ସମସ୍ତ ୧୧ଟି ଯାକ ଶାଖାର କର୍ମଚାରୀମାନେ କାର୍ଯ୍ୟବନ୍ଦ କରିବା ସହ ଧର୍ମଘଟରେ ବୁଧବାର ସାମିଲ୍ ହୋଇଥିଲେ। ସମସ୍ତ କର୍ମଚାରୀମାନେ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିଲେ। କେନ୍ଦ୍ର ସମବାୟ କର୍ମଚାରୀ ସଂଘର ସଭାପତି ଅକ୍ଷୟ କୁମାର ସାମଲ ଏବଂ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହା ୩ଦିନ ଧରି ଚାଲିବ। ଦାବି ସବୁ ହେଲା ସପ୍ତମ ବେତନ କମିଶନ ଲାଗୁ, କର୍ମଚାରୀମାନଙ୍କ ପାଇଁ କର୍ପସ୍ ଫଣ୍ଡ, ସମବାୟ ସଂସ୍ଥାକୁ ରିଷ୍ଟ୍ରକଚର୍ କରାଯାଉ ଏବଂ ପ୍ରାଥମିକ ସେବା ସମବାୟ ସମିତିର ଫ୍ଲେକ୍ସି ଆକାଉଣ୍ଟ ଖୋଲିବା ପାଇଁ ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଛି ତାହା ବନ୍ଦ କରାଯାଉ। ବ୍ୟାଙ୍କ ବନ୍ଦ ଯୋଗୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯଦି ସରକାର ଏହି ଦାବି ସବୁ ପୂରଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟକାଳ ପାଇଁ ବ୍ୟାଙ୍କ ସେବା ବ୍ୟାହତ ହେବା ସହ କର୍ମଚାରୀମାନେ ଧାରଣାରେ ବସି ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## କୁକୁର କାମୁଡ଼ାରେ ୨୦ରୁ ଊର୍ଦ୍ଧ୍ୱ ଆହତ

ନରସିଂହପୁର, ୨୫।୧୦ (ନିରଞ୍ଜନ ଦେହୁରୀ)

କଟକ ଜିଲା ନରସିଂହପୁର ସଦର ଅଞ୍ଚଳରେ ଏକ କଳା ରଙ୍ଗର କୁକୁର ବୁଧବାର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡି ଆହତ କରିଛି। ବୁଧବାର ସାପ୍ତାହିକ ହାଟ ଥିବାବେଳେ ଏକ କଳା ରଙ୍ଗର କୁକୁର ହଠାତ ହାଟ ଭିତରକୁ ଚାଲି ଆସିଥିଲା। କେହି କିଛି ବୁଝିବା ଆଗରୁ ଜଣଙ୍କ ପରେ ଜଣଙ୍କୁ କାମୁଡିବାରେ ଲାଗିଥିଲା। ଫଳରେ ହାଟକୁ ଆସିଥିବା ନିମସାହି, ଦମକଟା, ଦୋଳବେଦୀ ଛକ, ନୂଆଗାଁ ପ୍ରଭୃତି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡି ଆହତ କରିଥିଲା। ଲୋକମାନେ କୁକୁରଟିକୁ ଘଉଡ଼ାଇ ଦେବାରୁ ସେ ହାଟ ଅଞ୍ଚଳ ଛାଡି ପଳାଇ ଯାଇଥିଲା। ଆହତମାନଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଛି। ଶରଧାପୁର ସମିତିସଭ୍ୟ ଶକ୍ତି କୁମାର ମିଶ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିଥିଲେ। କଳା କୁକୁରଟିର ଏଭଳି କାମୁଡାକୁ ଦେଖି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। କୁକୁରଟିକୁ ତୁରନ୍ତ ଧରିବାକୁ ସ୍ଥାନୀୟ ଲୋକେ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଦଶହରାରେ ଖଣ୍ଡାଖେଳ

ବାଙ୍କୀ,୨୫।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଗ୍ରାମର ପାଇକ ସାହିର ଖଣ୍ଡାୟତ ସମାଜ ପକ୍ଷରୁ ଏକ ଖଣ୍ଡା ଶୋଭାଯାତ୍ରା ଗାଁ ପରିଭ୍ରମଣ କରିବା ସହିତ ବୈଦ୍ୟନାଥ ପୀଠଠାରେ ଖଣ୍ଡା ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡାୟତମାନେ ପାରମ୍ପରିକ ଖଣ୍ଡା ଧରି ବିଭିନ୍ନ ପ୍ରକାର ନୃତ୍ୟ କୌଶଳ ପ୍ରଦର୍ଶନ କରିଥିଲେ। ବାଙ୍କୀର ବିଭିନ୍ନ ଅଞ୍ଚଳରୁ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ଖଣ୍ଡାୟତ ସମାଜର ବରିଷ୍ଠ ସଦସ୍ୟ ରବିନାରାୟଣ ମଙ୍ଗରାଜଙ୍କ ନେତୃତ୍ୱରେ ଉକ୍ତ ଶୋଭାଯାତ୍ରା ଓ ଖଣ୍ଡାଖେଳ ଅନୁଷ୍ଠିତ ହୋଇଥିଲା। ପାଇକ ସାହିର ୧୦୦ରୁ ଊର୍ଦ୍ଧ୍ୱ ଖଣ୍ଡାୟତ ଖଣ୍ଡାଧରି ଶୋଭାଯାତ୍ରାରେ ଗାଁ ପରିଭ୍ରମଣ କରିଥିଲେ। ନିଆଁ ହୁଳା ଧରି ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ତଥା କଟକ ଜିଲା ଖଣ୍ଡାୟତ କ୍ଷତ୍ରୀୟ ସମାଜର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ସାମାଜିକ କର୍ମୀ କମଳାକାନ୍ତ ପ୍ରହରାଜ ଯୋଗ ଦେଇଥିଲେ।

# ସ୍ତ୍ରୀ, ଝିଅ, ପୁଅଙ୍କ ମୃତ୍ୟୁର ୧୩ ମାସ ପରେ ଗୃହକର୍ତ୍ତାଙ୍କ ଆତ୍ମହତ୍ୟା

ମାଣିଆବନ୍ଧ, ୨୫।୧୦ (ଅଖିଳ କୁମାର ସାହୁ)

କଟକ ଜିଲା ମାଣିଆବନ୍ଧ ଥାନା ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତର ବୀରବରପୁର ଗାଁରେ ଖାଦ୍ୟରେ ବିଷ ଯୋଗୁ ସ୍ତ୍ରୀ, ଝିଅ, ପୁଅଙ୍କ ମୃତ୍ୟୁର ୧୩ ମାସ ପରେ ଗୃହକର୍ତ୍ତା ୨୧ ତାରିଖରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସେ ହେଲେ ଗୋବିନ୍ଦ ପାତ୍ର। ଆତ୍ମହତ୍ୟାର ୨ ଦିନ ପରେ ସୋମବାର ସକାଳେ ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ପଡୋଶୀ ଓ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ବସନ୍ତ କୁମାର ଶତପଥୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ଘରର କବାଟ ଭାଙ୍ଗି ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।
ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୩ରେ ଘରେ ତିଆରି ହୋଇଥିବା ଚାଟ ଖାଇ ଗୋବିନ୍ଦଙ୍କ ସ୍ତ୍ରୀ ରୁନୁବାଳା ୩୭, ପୁଅ ରୁଦ୍ର ୧୨, ଝିଅ ମଧୁସ୍ମିତା ୮ଙ୍କର କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ପ୍ରସ୍ତୁତ ଖାଦ୍ୟ ବିଷାକ୍ତ ହୋଇଯାଇଥିବା ଅଥବା ଖାଦ୍ୟରେ କେହି ବିଷ ମିଶାଇଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା। ସ୍ତ୍ରୀ, ପୁଅ ଓ ଝିଅଙ୍କ ମୃତ୍ୟୁପରେ ବିଭିନ୍ନ କାରଣରୁ ବିଚଳିତ ଥିବା ଗୋବିନ୍ଦ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ୩ଜଣଙ୍କ ମୃତ୍ୟୁର ୧୩ମାସ ପରେ ମଧ୍ୟ ଏ ପର୍ଯ୍ୟନ୍ତ ଜିଲା ରାପିଡ଼ ରେସ୍ପନ୍ସ ଟିମ୍ ଦ୍ୱାରା ଗୋବିନ୍ଦଙ୍କ ଘରୁ ସଂଗ୍ରହ କରାଯାଇଥିବା ଖାଦ୍ୟ ନମୁନା, ମୃତକମାନେ ଖାଇଥିବା ଖାଦ୍ୟ ନମୁନା ଓ ମୃତ ରୁନୁବାଳାଙ୍କ ଭିସେରା ରିପୋର୍ଟ ରାଜ୍ୟ ଫୋରେନ୍ସିକ, ଲାବରେଟରିରୁ ମିଳିପାରିନାହିଁ ଫଳରେ ୩ଜଣଙ୍କ ମୃତ୍ୟୁର ରହସ୍ୟ ସନ୍ଦେହ ଘେରରେ ରହିଛି।

## ଜଳଦଙ୍କୁ ବିରୂପା ସମ୍ମାନ, ପୂର୍ଣ୍ଣଚନ୍ଦ୍ରଙ୍କୁ ଗଣକବି ସମ୍ମାନ

ମାହାଙ୍ଗା, ୨୫।୧୦(ଯଯାତି ସିଂହ)



ମାହାଙ୍ଗା ବ୍ଲକ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ପକ୍ଷରୁ ନାଟ୍ୟକାର ଗଣକବି ବୈଷ୍ଣବ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସ୍ମୃତି ସଂସଦର ୬୦ତମ ବାର୍ଷିକ ଉତ୍ସବ ଆସନ୍ତା ୨୮ ତାରିଖ ଭାରତୀୟ ସଂସ୍କୃତି ଓ ସ୍ୱାଭିମାନର ତୀର୍ଥ ଭୂମି ରଘୁନାଥଜୀଉ ମଠ କୋଠାପଦାଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତବର୍ଷର ମର୍ଯ୍ୟାଦାଜନକ ବିରୂପା ସମ୍ମାନ ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ ଓ ଗଣକବି ସମ୍ମାନ ଲୋକନାଟ୍ୟ ଗବେଷକ ଏବଂ ନାଟ୍ୟ ନିର୍ଦ୍ଦେଶକ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କୁ ପ୍ରଦାନ କରାଯିବ। ଏ ନେଇ କୁମାର ପୂର୍ଣ୍ଣିମା ସନ୍ଧ୍ୟାରେ କବିଙ୍କ ଜନ୍ମପୀଠ କୋଠପଦା ମଠରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ କରାଯିବ ବୋଲି ସଂସଦର ସମ୍ପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି ଜଣାଇଛନ୍ତି। ଉକ୍ତ ଜୟନ୍ତୀ କୁମାର ପୂର୍ଣ୍ଣିମାଠାରୁ ସଂସଦ ପକ୍ଷରୁ ରଘୁନାଥଜୀଉ ମଠ କୋଠପଦା, ଓଡ଼ମ୍ପୁର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ ଓ କୁଆଁପାଳଠାରେ ଅନୁଷ୍ଠିତ ହୋଇ ନଭେମ୍ବର ୫ ସନ୍ଧ୍ୟାରେ ଶହୀଦ ଭବନ ମଣିଯୋରୀଠାରେ ଉଦ୍‌ଯାପିତ ହେବ ବୋଲି ସଂସଦ ପକ୍ଷରୁ କୁହାଯାଇଛି।

## ଓଟିଏମ୍ କଲୋନିବାସୀଙ୍କୁ ଥଇଥାନ ଦାବିରେ ଜନସମାବେଶ

ଚୌଦ୍ୱାର,୨୫।୧୦(ଆଶୁତୋଷ ଦାସ)

ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ର ଭିତ୍ତିଭୂମି ଉପରେ ପୁଣି ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ତହସିଲଦାରଙ୍କ ସମେତ ବହୁ ସରକାରୀ ପଦାଧିକାରୀ ଓ ଶିଳ୍ପ ପ୍ରତିଷ୍ଠା କରିବାକୁ ଆଗ୍ରହୀ କିଛି ଶିଳ୍ପୋଦ୍ୟୋଗୀ ଗତ ସପ୍ତାହରେ ଓଟିଏମ୍ ଭିତ୍ତିଭୂମି ପରିଦର୍ଶନ କରିଥିଲେ। ସରକାର ହସ୍ତାନ୍ତର କରିଥିବା ଓଟିଏମ୍ ଜମିରେ ଇଡ୍‌କୋ ପକ୍ଷରୁ ପାଚେରୀ ନିର୍ମାଣ କାର୍ଯ୍ୟ ଅରମ୍ଭ ହୋଇଛି। ଫଳରେ ଦୀର୍ଘବର୍ଷ ଧରି ଓଟିଏମ୍ କଲୋନୀରେ ରହୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ବିସ୍ଥାପନ ଭୟରେ ଆତଙ୍କିତ ହୋଇପଡ଼ିଛନ୍ତି। ସେମାନଙ୍କ ଥଇଥାନ ପାଇଁ ସରକାରଙ୍କ ନିକଟରେ ଦାବି କରିବା ଲକ୍ଷ୍ୟରେ ସୋମବାର ସ୍ଥାନୀୟ ଆମ୍ବିସନ କ୍ଲବ୍ ପ୍ରଙ୍ଗଣରେ ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ଓଟିଏମ୍ ଶ୍ରମିକ ବସ୍ତି ଥଇଥାନ ସଙ୍ଗଠନ ପକ୍ଷରୁ ଆୟୋଜିତ ସମାବେଶରେ ବହୁ ସଂଖ୍ୟକ ଶ୍ରମିକ, କଲୋନୀ ନିକଟ ଦୁର୍ଗାବଜାର, ଜୟନ୍ତୀ ନଗର, ମଠସାହି ବସ୍ତି ସମେତ କଲୋନୀରେ ବାସ କରୁଥିବା ଲୋକଙ୍କୁ ରାଜ୍ୟ ସରକାର ଥାଇଥାନ ବ୍ୟବସ୍ଥା କରିବାକୁ ଅନୁରୋଧ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘଦିନ ଧରି ପିଲାଙ୍କୁ ନେଇ ରହି ଆସୁଥିବା ଏହି ଲୋକମାନଙ୍କ ବିସ୍ଥାପନ ବିରୋଧରେ ସମସ୍ତ ଉଦ୍ୟମ କରାଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା। କାଉନସିଲର ସୁବ୍ରତ ସାମଲ, ଦିଲ୍ଲୀପ ସାହୁ, ବିନୋଦିନୀ ରାଉତରାୟ, ବିଜୟଲକ୍ଷ୍ମୀ ବେହେରା, ସଙ୍ଗଠନର ବିଶ୍ୱରଞ୍ଜନ କର, ରବି ନାରାୟଣ ରାଉତ, ଜୟ ସିଂ, ଶିବାଜୀ ପଟ୍ଟନାୟକ, ବୈଦ୍ୟନାଥ ସାମଲ, ଶ୍ରୀକାନ୍ତ ପାକଳଙ୍କ ସମେତ ବହୁ ଶ୍ରମିକ ବକ୍ତବ୍ୟ ଦେଇଥିଲେ। ଆସନ୍ତା ୬ ତାରିଖରେ ଜିଲାପାଳଙ୍କୁ ଏ ସମ୍ପର୍କିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ପାଞ୍ଚଗାଁ, କେନ୍ଦୁପାଟଣାରେ ରାବଣପୋଡ଼ି

ଡିଗିରିଆ/ ନିଶ୍ଚିନ୍ତକୋଇଲି,୨୫।୧୦
(ଜାଫର ଖାଁ/ଅଶୋକ କୁମାର ମହାପାତ୍ର)

ଡିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁଠାରେ ଦୁର୍ଗାପୂଜାର ବିଜୟା ଦଶମୀ ମଙ୍ଗଳବାର ଯୁବଗୋଷ୍ଠୀଙ୍କ ପକ୍ଷରୁ ରାବଣ ପୋଡି ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗାପୂଜାର ବିଜୟା ଦଶମୀ ତିଥିରେ ପାଞ୍ଚଗାଁ ଶିବ ମନ୍ଦିର ନିକଟସ୍ଥ ପଡ଼ିଆରେ ବିଭିନ୍ନ ପ୍ରକାର ବାଣର ଆତସବାଜି ପରେ ରାବଣ ପୋଡି ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଗିରିଆ ବିଡିଓ ପ୍ରଣବ କୁମାର ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ହଜାର ହଜାର ଦର୍ଶକ ଉପସ୍ଥିତ ରହି ରାବଣ ପୋଡି ଉତ୍ସବର ମଜା ନେଇଥିଲେ। ପାଞ୍ଚଗାଁ ଯୁବ ଗୋଷ୍ଠୀ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।



ପାଞ୍ଚଗାଁଠାରେ ରାବଣପୋଡ଼ି ହେଉଛି।



କେନ୍ଦୁପାଟଣାଠାରେ କରାଯାଇଥିବା ରାବଣ।

ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଚିତ୍ରୋତ୍ପଳା ସାର୍ବଜନୀନ ଅଷ୍ଟାଦଶଭୁଜା ଦୁର୍ଗାଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୟା ଦଶମୀରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଧୀରେନ୍ଦ୍ରନାଥ ଶତପଥୀ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ଆୟୋଜିତ ଉତ୍ସବରେ ପୂର୍ବତନ ସରପଞ୍ଚ ଜତିନ୍ଦ୍ର ନାଥ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାବିତ ନିରଞ୍ଜନ ଭୂୟାଁ, ଗଣେଶ୍ୱର ମଲ୍ଲ, ସୋମନାଥ ବେହେରା, ଗଣେଶ୍ୱର ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇ ବିଜୟା ଦଶମୀ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାବଣ ପୋଡି ଦେଖିବା ନିମନ୍ତେ ଲୋକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

## ସଂକ୍ଷେପରେ

### କଉଡ଼ିଖଣିରେ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ଟାଙ୍ଗୀ(ଖୋର୍ଦ୍ଧା)/ଗମ୍ଭାରୀମୁଣ୍ଡା, ୨୫।୧୦ (ରଘୁନାଥ ସାହୁ/ଦିଲ୍ଲୀପ କୁମାର ସ୍ୱାଇଁ)

ବୁଧବାର ଅପରାହ୍ଣରେ ଖୋର୍ଦ୍ଧା ଜିଲା ନାରୁଣୀ ଥାନା ୧୬ ନମ୍ବର ଜାତୀୟ ରାଜପଥ କଉଡ଼ିଖଣି ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଏକ ସ୍କୁଟି (ନମ୍ବର ଓଡି ୧୩ଟି/୦୫୭୨) ଯୋଗେ ଗଞ୍ଜାମ ଜିଲାର ଗୋପାଳ ଦାସ ଏବଂ ରାଜୁ ରେଡ୍ଡୀ ନାମକ ଦୁଇ ଜଣ ଯୁବକ ନାରୁଣୀ ଦେଇ ଯାଉଥିବା ବେଳେ କଉଡ଼ିଖଣି ଛକରେ ଏକ ଅଜଣା ଟ୍ରକକୁ ପଛପଟୁ ଶକ୍ତ ଧକ୍କା ଦେଇଥିଲା ସ୍କୁଟି। ଫଳରେ ଘଟଣାସ୍ଥଳରେ ଗୋପାଳଙ୍କର ମୃତ୍ୟୁ ଘଟିଥିବାବେଳେ ରାଜୁଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲକୁ ପଠାଯାଇଛି। ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ନାରୁଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାଯାଇଛି।

### ମା’ ରାମଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣ ନିର୍ମାଣ

ଟାଙ୍ଗୀ(ଖୋର୍ଦ୍ଧା), ୨୫।୧୦ (ରଘୁନାଥ ସାହୁ)

ମା’ ରାମଚଣ୍ଡୀ ବଡ଼ପାରୀ ଗ୍ରାମର ଆରାଧ୍ୟ ଠାକୁରାଣୀ। ଦଶହରା ସମୟରେ ମା’ ରାମଚଣ୍ଡୀଙ୍କ ସହିତ ୮ ଭଉଣୀ କାଠି ବିଜେ ହୋଇ ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ବଡପାରୀ ଗଡ଼ରେ ଅବସ୍ଥାନ କରନ୍ତି। ଗଡଘରଟି ଭାଙ୍ଗି ଯାଇଥିବାରୁ ସିଭିଲ୍ ସୋସାଇଟି ଏହାର ପୁନରୁଦ୍ଧାର କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଚଳିତବର୍ଷ ଦଶହରା ପୂର୍ବରୁ ଚଟାଣରେ ଗ୍ରାନାଇଟ୍ ବିଛାଯିବା ସହ ପାଚେରୀ ନିର୍ମାଣ, ଦେବୀଙ୍କ ସିଂହାସନ ନିର୍ମାଣ, ରୋଷଘର ନିର୍ମାଣ କରାଯାଇଥିଲା। ସିଭିଲ୍ ସୋସାଇଟିର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ବାଲିପାଟଣାରେ ଦଶହରା ପର୍ବ ପାଳିତ

ବାଲିପାଟଣା, ୨୫।୧୦ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବିଜୟା ଦଶମୀ ପର୍ବ ପାଳିତ ହୋଇଯାଇଛି। ବିଶେଷକରି ବାଲିପାଟଣା, ବନମାଳୀପୁର, ନରଦା, ନରିସ ଓ ବାଲିକୁଦାପାଟଣାରେ ଦୁର୍ଗା ଓ ହରପାର୍ବତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ଓଡିଶା ମୋ ପରିବାର ଅଧକ୍ଷ ଅରୂପ ପଟ୍ଟନାୟକ, ଜୟଦେବ ବିଜେଡି ଆବାହକ ଚୌଧୁରୀ ଦ୍ୱାରିକାନାଥ ଚୌଧୁରୀ ଓ ପ୍ରତାପ କେଶରୀ ନାୟକଙ୍କ ସମେତ ବହୁ ବିଜେଡି ମଙ୍ଗୁଆଳ ବାଲିପାଟଣା, ବନମାଳିପୁର, ଖମଙ୍ଗ ଓ କାକରୁଦ୍ରପୁର ସମେତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପୂଜା ମଣ୍ଡପ ବୁଲି ମା’ଙ୍କୁ ଦର୍ଶନ କରିଥିଲେ। ବାଲିପାଟଣାସ୍ଥିତ ମହାବୀର ସାଂସ୍କୃତିକ ପରିଷଦ ପକ୍ଷରୁ ମେଳଣ ପଡ଼ିଆରେ ୨ଦିନ ଧରି ମଞ୍ଚ ନାଟକ ଅନୁଷ୍ଠିତ ହୋଇଯାଇଛି। ମହାବୀର ସାଂସ୍କୃତିକ ପରିଷଦ ପକ୍ଷରୁ କାଶୀନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ତଥା ସିନେ ପ୍ରଯୋଜକ ସତ୍ୟପ୍ରିୟ ବେହେରା ମୁଖ୍ୟ ଅତିଥି, ସିନେ କଳାକାର ଭୂପତି ତ୍ରିପାଠୀ, ପ୍ରତିଭା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

### ଉପକଣ୍ଠରେ ମା’ଙ୍କୁ ବିଦାୟ

ଯାଁଳା, ୨୫।୧୦(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଅଞ୍ଚଳରେ ମା’ ଦୁର୍ଗାଙ୍କୁ ଭାବପୂର୍ଣ୍ଣ ଭାବରେ ମେଲାଣି ଦିଆଯାଇଛି। ଖଣ୍ଡଗିରି, ଭରତପୁର, ଶ୍ୟାମପୁର, ଘାଟିକିଆ, କଳିଙ୍ଗନଗର, ଆଇଗିଣିଆ, ଡୁମୁଡୁମା, ଯାଁଳା ଆଦି ଅଞ୍ଚଳର ୮ଟି ମଣ୍ଡପରେ କେଉଁଠି ହରପାର୍ବତୀଙ୍କ ମୃଣ୍ମୟୀ ପ୍ରତିମା ତ କେଉଁଠି ଦଶଭୁଜା ମା’ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଥିଲେ। ୫ଦିନ ବ୍ୟାପୀ ମା’ଙ୍କ ପୂଜାର୍ଚ୍ଚନା ଖୁବ ଶାନ୍ତିଶୃଙ୍ଖଳା ସହ ସମାପନ ହୋଇଥିବା କମିଟି କର୍ତ୍ତୃପକ୍ଷ କହିଛନ୍ତି। ମା’ଙ୍କୁ ମେଲାଣି ଦେବା ପୂର୍ବରୁ କଳିଙ୍ଗନଗର ପୂଜା କମିଟି ପକ୍ଷରୁ ମହିଳାମାନଙ୍କ ଦ୍ୱାରା ଏକ ସିନ୍ଦୁର ଖେଳ ହୋଇଥିଲା। ଏହି ସିନ୍ଦୁର ଖେଳରେ ଓଡିଆ, ବଙ୍ଗୀୟ ଓ ବିହାରୀ ସମ୍ପ୍ରଦାୟର ମହିଳାମାନେ ସାମିଲ ହୋଇଥିଲେ। ସେହିଭଳି ଚନ୍ଦକା, ଶିମିଳିପାଟଣା, ଦାରୁଠେଙ୍ଗ, ମଳିପଡ଼ା, କଣ୍ଟାବାଡ଼ ଓ ମେଣ୍ଢାଶାଳ ସମେତ ୧୫ଟି ମଣ୍ଡପରେ ଆୟୋଜକମାନେ ମା’ଙ୍କୁ ଭାବପୂର୍ଣ୍ଣ ମେଲାଣି ଦେଇଥିବା ଜଣାଯାଇଛି।

# ମା’ ଭଗବତୀଙ୍କ ପୀଠରେ ସରିଲା ଶାରଦୀୟ ପର୍ବ

## ଆସନ୍ତା ବର୍ଷ ପାଇଁ ନିମନ୍ତ୍ରଣ ସହ ଭଉଣୀମାନଙ୍କୁ ବିଦାୟ ଦେଲେ

ଖୋର୍ଦ୍ଧା, ୨୫।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀଙ୍କ ଶାରଦୀୟ ନବରାତ୍ର ପୂଜା ସମାପନ ହୋଇଯାଇଛି। ପାର୍ବଣ ସମୟରେ ମା’ ଭଗବତୀ ଭଉଣୀମାନଙ୍କୁ ଆମନ୍ତ୍ରଣ କରିଥିବାବେଳେ ଷୋଡ଼ଶ ପୂଜା ସମ୍ପନ୍ନ ପରେ ନିଶାର୍ଦ୍ଧରେ ସ୍ୱ ମନ୍ଦିରକୁ ମେଲାଣି ଦେଇଛନ୍ତି। କୁହାଯାଏ, ଚୈତ୍ର ଶୁକ୍ଳ ଅଶୋକାଷ୍ଟମୀରେ ଦକ୍ଷିଣ ଦିଗରେ ଭାଲେରୀ ପାହାଡ଼ରେ ପୂଜିତା ମା’ ନାରାୟଣୀଙ୍କୁ ଆମନ୍ତ୍ରଣ ପାଇଁ ଗଡିଶ୍ୱର ମହାଦେବଙ୍କ ପୀଠକୁ ଯାତ୍ରା କରି ସେଠାରେ ଅଶୋକ ଫୁଲ, ପଇଡ ସହ ବିଭିନ୍ନ ପିଠାପଣା ଆଦି ନୈବେଦ୍ୟ ଗ୍ରହଣ କରି ନାରାୟଣୀଙ୍କ ଆଜ୍ଞାମାଳ ସହ ନିଶାର୍ଦ୍ଧରେ ମନ୍ଦିରକୁ ଫେରିଥାନ୍ତି। ପରେ ଭଗବତୀଙ୍କ ପୀଠରେ ଶାରଦୀୟ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ମହାବିଷୁବ ସଂକ୍ରାନ୍ତି (ଓଡ଼ିଆ ନବବର୍ଷ)ରେ ଉତ୍ତର ଦିଗରେ ବିରାଜିତା ମା’ ସିଦ୍ଧେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ଚୁଡ଼ାଗୁଡ଼ ଖାଇ ଆଜ୍ଞାମାଳ ନେଇ ଫେରିବା ବାଟରେ ଭାଟପଡ଼ା ଦଳବେହେରାଙ୍କ ଦୁଆରେ ପନ୍ତିଭୋଗ ଖାଇଥାନ୍ତି। ଭାଦ୍ରବ ଶୁକ୍ଳ ଲଳିତା ସପ୍ତମୀରେ ପୂର୍ବଦିଗ ରକ୍ଷାକାରିଣୀ ଚିଲିକାରେ ବିଜେ କାଳିଜାଈଙ୍କ ପୀଠରେ ନୌବିହାର କରି ସେଠାକୁ ଯାଇ ନୈବେଦ୍ୟ ଗ୍ରହଣ ପୂର୍ବକ ଆଜ୍ଞାମାଳ ନେଇ ସାମନ୍ତରାଙ୍କ ଦୁଆରେ ଖିରି, କାକରା ଓ ଅନ୍ତରକିଆରୀ ଗାଁରେ ପନ୍ତି ଖାଇ ଫେରନ୍ତି। ଶେଷରେ ଆଶ୍ୱିନ ମହାଳୟା ଅମାବାସ୍ୟାରେ ପଶ୍ଚିମ ଦିଗରେ ବରବରା ଅରଣ୍ୟରେ ବିରାଜିତା ବଡ ଭଉଣୀ ବିରଜାଈଙ୍କ ପୀଠରେ ପହଞ୍ଚି ଖେଚୁଡି, ଖଇଙ୍ଗା ଶୁଖୁଆ ମହୁର ଖାଇ ଭଉଣୀଙ୍କୁ ସାଥିରେ ଧରି ଫେରନ୍ତି। ବାଟରେ ବଙ୍କଡାବାଡ଼ ରାଜାଙ୍କ ଗଡ଼ଦେବୀ କନକଦୁର୍ଗା ଓ ବୁଢୀ ଠାକୁରାଣୀଙ୍କ ସହିତ ଭେଟ ହୋଇ ସାତବଖରା ଶାରଦୀୟ ପର୍ବ ଗୃହରେ ଅମାବାସ୍ୟାଠାରୁ ଦଶହରା ପର୍ଯ୍ୟନ୍ତ ପୂଜା ପାଇଥାନ୍ତି। ଅମାବାସ୍ୟା ରାତିରେ ବାଣପୁରଠାରେ ବିରଜାଇ ଏବଂ ମା’ ଭଗବତୀଙ୍କ ଦୁଇ ମହାଶକ୍ତିଙ୍କ ଅପୂର୍ବ ମିଳନ ଘଟିଥାଏ। ସପ୍ତ ମାତୃକାଙ୍କ ବିଜେସ୍ଥଳୀ ଶକ୍ତିପୀଠ ବାଣପୁରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଭକ୍ତମାନେ ମା’ଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରି ପରିବାରର ସୁଖ ମଙ୍ଗଳ ମନାସନ୍ତି। ମା’ଙ୍କ ଦର୍ଶନ ସହ ଖେଚୁଡି, ଡାଲି, ମାଛ, ମହୁର, ଖିରି, କାକରା, ଏଣ୍ଡୁରି, କାନ୍ତି, ଖଜା, ମାଠ ପୁଳି, ସରପୁଳି ସମେତ ଶାଳିଆପତର ଗଜାମୁଆଁ ପ୍ରସାଦ ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ।

ଶାରଦୀୟ ଲୀଳାଖେଳ ସାରି ମା’ ଭଗବତୀ ଭଉଣୀମାନଙ୍କୁ ଆରବର୍ଷକୁ ନିମନ୍ତ୍ରଣ କରି ମେଲାଣି ଦେଇଛନ୍ତି। ନିଯୋଗ ସେବାୟତମାନେ ମା’ଙ୍କ ସହିତ କନକଦୁର୍ଗା ଓ ବିରଜାଇଙ୍କୁ ସାଥିରେ ନେଇ ସ୍ୱମନ୍ଦିରକୁ ଫେରିଥିଲେ। ବାଟରେ ଜଗନ୍ନାଥଙ୍କ ପ୍ରତୀକ ଶ୍ରୀରଙ୍ଗନାଥ ମାତୃଶକ୍ତିଙ୍କ ସମ୍ମାନାର୍ଥେ ଯାତ୍ରାରେ ସାମିଲ ହୋଇ ମା’ଙ୍କ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିଜେ କରିଥିଲେ। ସେଠାରେ ସେବକମାନେ ଘଣ୍ଟଘଣ୍ଟା, ବିଜେ କାହାଳୀ, ଢୋଲ, ମହୁରୀ, ଆଲଟ ଚାମରରେ ମା’ଙ୍କୁ ପଞ୍ଚୋପଚାରରେ ପୂଜନ ସହ ବନ୍ଦାପନା କରିଥିଲେ। ପରେ ମା’ ସ୍ୱମନ୍ଦିରରେ ପ୍ରବେଶ କରିଥିଲେ। ବଡ଼ସିଂହାର ଧୂପ ପରେ ବଡ଼ ଭଉଣୀ ବିରଜାଇ ଓ କନକଦୁର୍ଗାଙ୍କୁ ସେମାନଙ୍କ ମନ୍ଦିରରେ ଛାଡ଼ି ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବାଟରେ ଶ୍ରୀରଘୁନାଥ ଦେବଙ୍କ ମନ୍ଦିରରେ ପ୍ରସ୍ତୁତ ଅଧରମୁଆଁ ଭୋଗ ଖାଇ ଶେଷ ପ୍ରହରରେ ସ୍ୱ ମନ୍ଦିରକୁ ଫେରିଥିଲେ। କନକଦୁର୍ଗା ମା’ ଭଗବତୀଙ୍କ ମନ୍ଦିରରେ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏହି ଦିନ ମା’ଙ୍କ ପରମ ସେବକ ନରବଳିର ପ୍ରତୀକ ବଳିଜେନାଙ୍କ ସହିତ କନକଦୁର୍ଗାଙ୍କ କଉଡ଼ି ଖେଳ ହେବ। ଖେଳରେ ହାରି ବଳିଜେନା ପୁଣି ଆଗାମୀ ବର୍ଷରେ ଶାରଦୀୟ ପର୍ବରେ ମା’ଙ୍କ ସେବା କରିବାକୁ ସଂକଳ୍ପ କରି ଭୋର ସମୟରେ ଅଣବାଟରେ ନିଜ ଘରକୁ ଫେରିବେ।



ଜଟଣୀ: ବଙ୍ଗୀୟ ସମ୍ପ୍ରଦାୟର ମହିଳାମାନେ ପାରମ୍ପରିକ ନାଚ ଗୀତ ସହ ପରସ୍ପରକୁ ସିନ୍ଦୂର ଲଗାଉଛନ୍ତି।

# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଟାଙ୍ଗୀ ଶାଖାର ଧର୍ମଘଟ




ଧର୍ମଘଟରେ ସାମିଲ ହୋଇଥିବା ବ୍ୟାଙ୍କ କର୍ମଚାରୀ।

ଟାଙ୍ଗୀ(ଖୋର୍ଦ୍ଧା), ୨୫।୧୦ (ରଘୁନାଥ ସାହୁ)

ନିଖିଳ ଓଡିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଫେଡେରେଶନର ଆହ୍ୱାନକ୍ରମେ ଅକ୍ଟୋବର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ। ୫ ଦଫା ଦାବି ନେଇ ଟାଙ୍ଗୀ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକଠାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଧର୍ମଘଟରେ ସାମିଲ ହୋଇଛନ୍ତି। ଫଳରେ ବ୍ୟାଙ୍କ ସେବା ପୂରା ଠପ୍ ହୋଇଯାଇଛି। ଜନସାଧାରଣ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୨୦୧୬ ଜାନୁୟାରୀରୁ ସପ୍ତମ କମିଶନ ଲାଗୁ ସହ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ, ପେନ୍‌ସନ୍ କର୍ପସ ଫଣ୍ଡ ଲାଗୁ କରିବା, ସିସିବି ଦେୟକୁ କ୍ୟାଡର ଫଣ୍ଡ କରିବା ପାଇଁ ନିଷ୍ପତ୍ତି ନେବା, କେନ୍ଦ୍ର ସମବାୟ ବ୍ୟାଙ୍କର ପୁନର୍ଗଠନ ସମ୍ପର୍କିତ ଦାବି ନେଇ ଏହି ଧର୍ମଘଟ କରାଯାଇଛି। ଧର୍ମଘଟରେ ଶାଖା ପରିଚାଳକ ସୁରଜ କୁମାର ଦାସ, ସହ ଶାଖା ପରିଚାଳିକା ସ୍ମିତପ୍ରଜ୍ଞା ଚମ୍ପତିରାୟ, କ୍ୟାଶିୟର ଅଜୟ କୁମାର ଦାସ, ମନୋରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିବା ଜଣାପଡିଛି।

### ମୃତ୍ୟୁ ଏମିତି ବି ଆସେ...

## ଚୁଟି କାଟୁ କାଟୁ ଚାଲିଗଲା ଜୀବନ

ଯାଁଳା, ୨୫।୧୦(ବୁଲା ବାରିକ)

ମହାନବମୀ ଦିନ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ବଜାରରେ ଥିବା ଏକ ସେଲୁନ୍‌ରେ ଚୁଟି କାଟୁଥିବା ସମୟରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖୋର୍ଦ୍ଧା ଜିଲା ଗୋଡାର ସନ୍ତୋଷ ବାରିକ (୫୨)। ମିଳିଥିବା ସୂଚନା ଅନୁସାରେ ସନ୍ତୋଷ ଯାଁଳାରେ ଥିବା ଏକ ସେଲୁନ୍‌ରେ କାମ କରନ୍ତି। ମହାନବମୀ ସନ୍ଧ୍ୟାରେ ସନ୍ତୋଷ ଦୋକାନକୁ ଆସିଥିଲେ। ଦୋକାନ ମାଲିକଙ୍କ ସହ ଦଶହରା ଉପଲକ୍ଷେ ଦୋକାନ ସଫା କରିବା ପାଇଁ କାମ ଆରମ୍ଭ କରିଥିଲେ। ଏହି ସମୟରେ ଜଣେ ଗ୍ରାହକ ଚୁଟି କାଟିବା ପାଇଁ ଆସିବାରୁ ସନ୍ତୋଷ ଉକ୍ତ ଗ୍ରାହକଙ୍କ ଚୁଟି କାଟିବା ଆରମ୍ଭ କରିଥିଲେ। ହଠାତ୍ ସେ ଛାତି କ’ଣ ହୋଇଯାଉଛି କହି ପାଟି କରିବାରୁ ତୁରନ୍ତ ଦୋକାନ ମାଲିକ ଓ ସନ୍ତୋଷଙ୍କ ପରିବାର ଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସିନ୍ଦୂର ଖେଳି ମା’ଙ୍କୁ ବିଦାୟ ଦେଲେ ବଙ୍ଗୀୟ ମହିଳା

ଜଟଣୀ,୫।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ସହରରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଥିବା ଦୁର୍ଗତିନାଶିନୀ ମା’ଦୁର୍ଗାଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଟଣୀରେ ବସବାସ କରୁଥିବା ବଙ୍ଗୀୟ ସମ୍ପ୍ରଦାୟର ମହିଳାମାନେ ସିନ୍ଦୂର ଖେଳ ପରେ ମା’ଙ୍କୁ ବିଦାୟ ଦେଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ପାରମ୍ପରିକ ବାଦ୍ୟ ତାଳେ ତାଳେ ନୃତ୍ୟ କରି, ବଙ୍ଗୀୟ ମହିଳାମାନେ ମା’ ଦୁର୍ଗାଙ୍କ ଆଗରେ ସିନ୍ଦୂର ଖେଳିଥିଲେ। ମା’ଙ୍କୁ ସିନ୍ଦୁର ଲଗେଇବା ପରେ ସେହି ସିନ୍ଦୂରକୁ ସାନ ବଡ଼ ସମସ୍ତେ ପରସ୍ପରକୁ ଲଗାଇଲେ ପରିବାରରେ ଶାନ୍ତି ଏବଂ ସମୃଦ୍ଧି ଆସିଥାଏ ବୋଲି ବିଶ୍ୱାସ ରହିଥିବା ବଙ୍ଗୀୟ ମହିଳାମାନେ କହିଛନ୍ତି। ଜଟଣୀ ଟ୍ରାଫିକ କଲୋନୀସ୍ଥ ପ୍ରଗତି ସାଂସ୍କୃତିକ ଚକ୍ର ଦୁର୍ଗା ମଣ୍ଡପ ଏବଂ ନୀଳଚକ୍ର ମାର୍କେଟ ବେଙ୍ଗଲୀ କ୍ଲବ ପୂଜା ମଣ୍ଡପରେ ମହାଷଷ୍ଠୀଠାରୁ ମା’ଦୁର୍ଗାଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ଦର୍ଶନଦେଲେ ଶ୍ରୀ ଶ୍ରୀ କପିଳେଶ୍ୱର ଦେବ

ନିରାକାରପୁର, ୨୫।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଦଶହରା ଉପଲକ୍ଷେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ବାଲିଗାଁ ଗ୍ରାମରେ ଥିବା ପୂଜା ମଣ୍ଡପରେ ଶ୍ରୀଶ୍ରୀ କପିଳେଶ୍ୱର ଦେବ ଓ ମା’ ନାରାୟଣୀ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ଉପଲକ୍ଷେ ଶ୍ରୀଜୀଉଙ୍କର ଏକ ସୁସଜ୍ଜିତ ବିମାନ ପଟୁଆରରେ ବାହାରିଥିଲା। ଏହି ବିମାନ ବାଲିଗାଁରେ ପ୍ରବେଶ କରି ମଣ୍ଡପରେ ଉପବେଶନ ହେବା ପରେ ଗ୍ରାମର ପ୍ରତ୍ୟେକ ପରିବାର ଶ୍ରୀଜିଉଙ୍କ ପାଖରେ ଶୁଖୁଲି ଭୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମ ନାଟକ ମଞ୍ଚସ୍ଥ ହୋଇଥିଲା।



ବାଲିଗାଁ ଗ୍ରାମର ପୂଜା ମଣ୍ଡପରେ ସୁସଜ୍ଜିତ ଶ୍ରୀଜୀଉଙ୍କ ବିମାନ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ବାଲକାଟୀ, ୨୫।୧୦(ମନୋଜ ମଣ୍ଡଳ)

ବାଲକାଟୀ ବସନ୍ତପେଡ଼ି ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ କିଶୋର ମହାନ୍ତି(୮୫)ଙ୍କର ବୁଧବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ଦେହାନ୍ତ ଘଟିଛି। ଦୀର୍ଘଦିନ ହେବ ସେ ଅସୁସ୍ଥତା ଦେଇ ଗତି କରୁଥିଲେ। ସ୍ୱର୍ଗତ ମହାନ୍ତି ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ। ବାଲକାଟୀସ୍ଥିତ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟରେ ସେ ଦୀର୍ଘଦିନ ଧରି କର୍ମମୟ ଜୀବନ ଅତିବାହିତ କରି ଛାତ୍ରୀଛାତ୍ରଙ୍କୁ ଇଂରାଜୀ ଶିକ୍ଷା ପ୍ରଦାନ କରି ସେମାନଙ୍କ ହୃଦୟ ଜିଣିଥିଲେ। ସରକଣା ଭଗବତୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ସେ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ଶୋଭାଯାତ୍ରାରେ ତାଙ୍କ ମର ଶରୀରକୁ ପଞ୍ଚାୟତ ପରିକ୍ରମା ପରେ ପ୍ରତାପ ଶାସନ ଉଚ୍ଚ ବାଳକ ବିଦ୍ୟାଳୟ ନିଆଯାଇଥିଲା। ସେଠାରେ ଉପସ୍ଥିତ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରଯାଇଥିଲା। ତାଙ୍କର ପୁତ୍ର ବିଧୁଭୂଷଣ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ଟାଇଗର କ୍ଲବ୍ ଚାମ୍ପିୟନ



ବିଜୟୀ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ନିରାକାରପୁର, ୨୫।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତରେ ଥିବା ଖେଳ ପଡିଆରେ ରାମେଶ୍ୱର ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ଏକଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରାମେଶ୍ୱର ଟାଇଗର ଓ ରାମେଶ୍ୱର ଲାୟନ୍ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ଟାଇଗର କ୍ଲବ୍ ଚାମ୍ପିୟନ୍ ହୋଇଛି। ଟାଇଗର କ୍ଲବ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୯୯ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଲାୟନ୍ କ୍ରିକେଟ କ୍ଲବ୍ ୧୩.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ହେମନ୍ତ ପ୍ରଧାନ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଲାୟନ୍ କ୍ରିକେଟ୍ କ୍ଲବର ଶିବ ରଞ୍ଜନ ତ୍ରିପାଠୀ ମ୍ୟାନ୍ ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଖେଳକୁ ଆଲୋକ ରଞ୍ଜନ ସାହୁ, ପ୍ରୀତମ ନାୟକ ପରିଚାଳନା କରିଥିବାବେଳେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ବିରେନ୍ଦ୍ର କୁମାର ପଟ୍ଟନାୟକ, ଚନ୍ଦ୍ର ମୋହନ ପଟ୍ଟନାୟକ, ଦୀପ୍ତି ରଞ୍ଜନ ପାଇକରାୟ ଓ ମୁକ୍ତିକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ମାନସ ପଟ୍ଟନାୟକ, ଚକ୍ରଧର ବାରିକ, ସଂଗ୍ରାମ ପଣ୍ଡିତ, ବିଜୟ ଶ୍ରୀଚନ୍ଦନ, ଅଜୟ ସାହୁ, କାହ୍ନୁ ଚରଣ ନାୟକ ଓ ହିମାଂଶୁ ମହାନ୍ତି ପ୍ରମୁଖ ଖେଳରେ ସହଯୋଗ କରିଥିବାବେଳେ ରଘୁନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସତ୍ୟ ନାରାୟଣ କ୍ଲବ୍ ହାଟବରଡ଼ି ଚାମ୍ପିୟନ



ଟାଙ୍ଗୀ(ଖୋର୍ଦ୍ଧା), ୨୫।୧୦ (ରଘୁନାଥ ସାହୁ)

## ପ୍ରଶାନ୍ତ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ ସ୍ପୋର୍ଟସ ଆସୋସିଏଶନ୍ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମ୍‌ଠାରେ ଚାଲିଥିବା ପ୍ରଶାନ୍ତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସତ୍ୟ ନାରାୟଣ କ୍ଲବ ହାଟବରଡି ଚାମ୍ପିୟନ୍ ହୋଇଛି। ହାଟବରଡି ସହିତ ଗୋପାଳପୁର ଫୁଟବଲ କ୍ଲବ୍‌ର ମୁକାବିଲାରେ ହାଟବରଡି ସୁନ୍ଦର ଖେଳ ପ୍ରଦର୍ଶନ କରି ୫-୦ ଗୋଲ୍‌ରେ ବିଜୟଲାଭ କରିଥିଲା। ଅତିଥି ଭାବେ ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ସାଂସଦ ପ୍ରତିନିଧି ହେମନ୍ତ କୁମାର ବେହେରା, ସାମାଜିକ କର୍ମୀ ରମେଶ କୁମାର ବେହେରା, ଯୁବମୋର୍ଚ୍ଚା ସଭାପତି ସମରଜିତ ଜେନା, ଡାକ୍ତର ମଧୁସୂଦନ ସେନାପତି, କ୍ରୀଡା ସଂଗଠକ ବିଜୟ କୁମାର ରାଉତ, ଯୁବ ନେତା ପ୍ରଭାତ କୁମାର ସ୍ୱାଇଁ, ଅଧ୍ୟାପକ ସୁଶୀଲ ମହାପାତ୍ର, କିଶୋର ବରାଳ ପ୍ରମୁଖ ଯୋଗ ଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରିୟବ୍ରତ ବାହିନୀପତି, ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତରାୟ ଓ କୃଷ୍ଣଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିବାବେଳେ ନନ୍ଦକିଶୋର ସ୍ୱାଇଁ, ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଣୟ ପାଇକରାୟ, ସତ୍ୟ ରଞ୍ଜନ ଜେନା, କାହ୍ନୁ ପାତ୍ର, ସମର ମାଝି ପ୍ରମୁଖ ସହଯୋଗ କରିଥିଲେ।

# ‘ରାବଣତ୍ୱ ବିନାଶ କରିପାରିଲେ ସମାଜ ହସିଉଠିବ’

ଖୋର୍ଦ୍ଧା, ୨୫।୧୦(ପ୍ରଭାତ ପାଣିଗ୍ରାହୀ)

## ବଡିଜୋନ୍ ପକ୍ଷରୁ ୧୮ତମ ରାବଣପୋଡ଼ି ଉତ୍ସବ



ପବିତ୍ର ବିଜୟାଦଶମୀ ଅବସରରେ ମଙ୍ଗଳବାର ହାବେଳି ପଡ଼ିଆରେ ସାମାଜିକ ଅନୁଷ୍ଠାନ ବଡିଜୋନ ପକ୍ଷରୁ ୧୮ତମ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୋ ପରିବାରର ରାଜ୍ୟ ଆବାହକ ଅରୂପ ମୋହନ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ବଡିଜୋନ୍ ପ୍ରତିଷ୍ଠାତା ତଥା ଯୁବନେତା ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ ବିଜୟାଦଶମୀ ଓ ରାବଣପୋଡ଼ି ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ବିଜୟା ଦଶମୀ ହେଉଛି ବିଜୟ ଉତ୍ସବ। ଏହି ଦିନ ପ୍ରଭୁ ଶ୍ରୀରାମଚନ୍ଦ୍ର ମା’ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ରାବଣକୁ ବଧ କରିଥିଲେ। ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟ, ଅଜ୍ଞାନ ଉପରେ ଜ୍ଞାନର ବିଜୟ। ନିଜ ଷଡ଼ରୂପୀକୁ ନିୟନ୍ତ୍ରଣ କରିପାରିଲେ, ମନୁଷ୍ୟ ସଫଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି ସେ ପ୍ରକାଶ କରିଥିଲେ। ବିଧାୟକ ମିତ୍ର କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ନବୀନ ଓଡ଼ିଶାର ବିନ୍ଧାଣି। ତାଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। ପୌରାଧ୍ୟକ୍ଷା ମହାନ୍ତି ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧାର ଆହ୍ୱାନ ଦେଇଥିଲେ। ପ୍ଲାଷ୍ଟିକ ପଲିଥିନମୁକ୍ତ ସହର ଗଠନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିଜ ଭିତରେ ଥିବା ଅହଂକାର, ଅସତ୍ୟ, ଅନ୍ୟାୟ, ଅନୀତି ପ୍ରଭୃତି ରାବଣତ୍ୱକୁ ବିନାଶ କରିପାରିଲେ ସମାଜ ହସିଉଠିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ ।

ଏହି ଅବସରରରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ୫୦ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୁତ୍ତଳିକାରେ ପଟ୍ଟନାୟକ ଅଗ୍ନି ସଂଯୋଗ କରିଥିଲେ। ରଙ୍ଗବେରଙ୍ଗ ଆତସବାଜିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ପ୍ରାୟ ୫୦ ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ବଡିଜୋନ୍ ସଭ୍ୟମାନଙ୍କ ସମେତ ସୌମେନ୍ଦ୍ର ପ୍ରଧାନ, କୁନାଲ ବାରିକ, ସତ୍ୟସୁନ୍ଦର ଛୋଟରାୟ, ଟିଙ୍କୁ ପାତ୍ର, ଶୁଭେନ୍ଦୁ ସ୍ୱାଇଁ, ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଅଗ୍ନିଶମ କର୍ମଚାରୀ, ପୋଲିସ ମୁତୟନ ରହିଥିବା ବେଳେ ଏସ୍‌ଡିପିଓ ଦିଲ୍ଲୀପ କୁମାର ଦାସ, ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦ, ସଦର ଥାନା ଆଇଆଇସି କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଭସାଣି ଅବସରରେ ଦେବୀମାନଙ୍କୁ ସିଂହଦ୍ୱାର ସମ୍ମୁଖ ଦେବସଭାକୁ ନିଆଯାଉଛି।



ସିଂହଦ୍ୱାର ସମ୍ମୁଖରେ ଗେଲବାଇ।

# ଶ୍ରୀମନ୍ଦିର ସମ୍ମୁଖରେ ବସିଲା ଦେବସଭା

## ନିଆରା ଗୋଷାଣି ପୂଜନ ସହ ନାଗା ପରମ୍ପରା

ପୁରୀ, ୨୫।୧୦(ଅଜିତ ମହାନ୍ତି)

ଶେଷ ହୋଇଛି ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା। ଭସାଣି ସହ ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗତ୍‌ଜନନୀ ମା’ ଦୁର୍ଗା। ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣି ପୂଜନ ସହ ନାଗା ପରମ୍ପରା ଦେଖିବାକୁ ମିଳିଥାଏ। ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ଗୋଷାଣୀମାନଙ୍କୁ ଦୁର୍ଗା ମନ୍ତ୍ର ଓ ନାଗାମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ। ଗୋଷାଣୀ ଓ ନାଗାମାନଙ୍କ ସହ ସମ୍ପାତ୍ତି ଚଢେଇ, ଅଷ୍ଟବୀର, ବୁଢାବୁଢୀ, ଶିବ ପାର୍ବତୀ, ହନୁମାନ, ଦଶଶିର ରାବଣ ଆଦି ଶୋଭା ପାଇଥାଏ। ପରମ୍ପରା ଅନୁଯାୟୀ, ଦଶହରାରେ ମା’ ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ କାକୁଡ଼ିଖାଇଙ୍କ ପ୍ରତିମୂର୍ତ୍ତି ସମେତ ସହରର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ମୃଣ୍ମୟୀ ଦୁର୍ଗାଙ୍କ ବିସର୍ଜନ ପର୍ବ ସମ୍ପନ୍ନ ପରେ ବୁଧବାର ଆଶ୍ୱିନ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗୋଷାଣୀ ଓ ନାଗାମାନଙ୍କ ଦେବସଭା ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ପାରମ୍ପରିକ ରୀତିନୀତିରେ ଗୋସାଣି ଭସାଣି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ପୁରୀ ସହରର ବିଭିନ୍ନ ମଣ୍ଡପରୁ ଗୋସାଣି, ନାଗା ପ୍ରଭୃତି ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଅଣାଯିବା ପରେ ଦେବ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ଗୋସାଣି, ନାଗାମାନଙ୍କୁ ନେଇ ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ମଣ୍ଡପରୁ ଗୋସାଣି ଏବଂ ନାଗାମାନଙ୍କୁ ଶୋଭାଯାତ୍ରାରେ ଆଣିବା ସମୟରେ ସିଂହଦ୍ୱାର ସମ୍ମୁଖରେ ଜନସମାଗମ ହୋଇଥିଲା। ହରଚଣ୍ଡୀ ସାହିର ବାରବାଟୀ ଗୋସାଣୀ ପରମ୍ପରା ଅନୁଯାୟୀ, ପ୍ରଥମେ ମଣ୍ଡପ ଛାଡ଼ିଥିଲେ। ମା’ ବାରବାଟୀ ମଣ୍ଡପ ଛାଡ଼ିବା ପରେ ଅନ୍ୟ ଗୋଷାଣୀ ତଥା ଦୋଳମଣ୍ଡପ ସାହି ଜହ୍ନିଖାଇ ଗୋସାଣି ସମେତ ମଣିକର୍ଣ୍ଣିକା ସାହିର ବନଦୁର୍ଗା, ଗେଲବାଇ, ଶୂନ୍ୟ ଗୋସାଣି, ବାସେଳି ସାହିର ବନଦୁର୍ଗା, ଭୋଗଜାଗା ଗୋସାଣି, ଗୌଡ଼ବାଡ଼ ଜହ୍ନିଖାଇ, ଗୌଡ଼ବାଡର ସାହି ଜହ୍ନିଖାଇ, ହାଡ଼ବାଇ, ଗେଲବାଇ, ପଣାପ୍ରିୟା, ଚକ୍ରକୋଟ, ବେଲବାଇ, ତ୍ରିପୁରା ସୁନ୍ଦରୀ ପ୍ରମୁଖ ସେମାନଙ୍କ ଆସ୍ଥାନ ଛାଡ଼ି ଦେବସଭା ନିମନ୍ତେ ସିଂହଦ୍ୱାର ନିକଟକୁ ଆସି ମେଳଣରେ ସାମିଲ ହୋଇ ରାତିରେ ଭସାଣିକୁ ଯାଇଥିଲେ।

ସେହିପରି ପୁରୀ ସହରର ଅନ୍ୟତମ ଆକର୍ଷଣ ହେଉଛି ନାଗା ପରମ୍ପରା। ଏହି ମେଳଣରେ ବାଲିସାହି, ହରଚଣ୍ଡି ସାହି, ବଳଗଣ୍ଡି, ନରେନ୍ଦ୍ରକୋଣ, ପଶ୍ଚିମ ଦ୍ୱାର ପ୍ରଭୃତି ସାହିର ନାଗା ମୂର୍ତ୍ତି ମଧ୍ୟ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଦେବ ସଭାର ସବୁଠୁ ଆକର୍ଷଣ ଥିଲା ମାର୍କଣ୍ଡେଶ୍ୱର ସାହିର ସମ୍ପାତ୍ତି ଚଢ଼େଇ ଓ ବୁଢାବୁଢୀ। ବୁଢାବୁଢୀ ନାଚ ଦେଖିବାକୁ ପିଲାଙ୍କ ସହ ବଡ଼ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଦଶହରା ସମୟରେ ପୁରୀର ବିଭିନ୍ନ ସାହିରେ ଗୋସାଣି, ନାଗା ଏବଂ ଅନ୍ୟାନ୍ୟ ମୂର୍ତ୍ତି ପୂଜା ପାଇଥାନ୍ତି। ସହରବାସୀ ତଥା ଜନସାଧାରଣ ଏହି ମୂର୍ତ୍ତିଗୁଡ଼ିକୁ ଗୋଟିଏ ସ୍ଥାନରେ ଏକକାଳୀନ ଦେଖିବାର ସୁଯୋଗ ଦେବା ଲକ୍ଷ୍ୟରେ ସିଂହଦ୍ୱାର ସମ୍ମୁଖରେ ଦେବସଭା ଆୟୋଜନ କରାଯାଇଥାଏ, ଯାହା ଅତ୍ୟନ୍ତ ପ୍ରାଚୀନ ବୋଲି ଜଣାଯାଏ। ଦେବ ସଭା ଦେଖିବାକୁ ପୁରୀରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ଆଲୋକମାଳାରେ ଶ୍ରୀମନ୍ଦିର ସିଂହଦ୍ୱାର ଝଲସି ଉଠିଥିଲା। ଅପରପକ୍ଷରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଶ୍ରୀମନ୍ଦିର ଚାରିପଟେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମାର୍କେଟ ଛକ ଠାରୁ ଯାନବାହନଗୁଡ଼ିକୁ ଶ୍ରୀମନ୍ଦିର ଆଡ଼କୁ ଛଡାଯାଇ ନ ଥିଲା। ପୁରୀବାସୀ ଓ ପର୍ଯ୍ୟଟକମାନେ ଉପଭୋଗ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଏକାଦଶୀ ଦୀପ ଶ୍ରୀମନ୍ଦିର ଚୂଡ଼ାକୁ ଉଠିବା ପରେ ବିସର୍ଜନ ପର୍ବ ଆରମ୍ଭ ହୋଇଥିଲା।



କହ୍ନିଖାଇ।





ସିଂହଦ୍ୱାର ସମ୍ମୁଖରେ ଦେବୀ ମିଳନ ଅବସରରେ ଲୋକଙ୍କ ଭିଡ଼।



ବାରବାଟୀ।



ଭୋଗଜାଗା।

# ଶ୍ରୀକ୍ଷେତ୍ରରେ ନାଗା ଉପାସନା ବହୁ ପ୍ରାଚୀନ

ପୁରୀ, ୨୫।୧୦(ଅଜିତ୍ ମହାନ୍ତି)

ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣୀ ପୂଜନର ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଗୋଷାଣୀ ପୂଜନ ମଧ୍ୟରେ ନାଗା ଉପାସନା ବୀର ପ୍ରତୀକକୁ ଦର୍ଶାଇଥାଏ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଆଦିଶଙ୍କରଙ୍କ ଦ୍ୱାରା ସୃଷ୍ଟି ଦଶନାମୀ ସମ୍ପ୍ରଦାୟର ନାଗା ସମ୍ପ୍ରଦାୟ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହି ସମ୍ପ୍ରଦାୟ ତତ୍କାଳୀନ ହିନ୍ଦୁ ମଠ, ମନ୍ଦିର ଓ ପୃଷ୍ଠପୋଷକଙ୍କ ରକ୍ଷା ପାଇଁ ସୃଷ୍ଟି। ସେମାନେ ଭାରତରେ ପ୍ରଥମେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ପ୍ରତିହତ କରୁଥିଲେ। ପରେ ମୁସଲମାନ ଓ ମୋଗଲଙ୍କୁ ମଧ୍ୟ ପ୍ରତିହତ କଲେ। ସେଥିପାଇଁ ତୀର୍ଥକ୍ଷେତ୍ରରେ ଆଖଡ଼ାମାନ ପ୍ରତିଷ୍ଠା ହୋଇ ନାଗାଙ୍କୁ ନାଗାସାଧୁ ରୂପେ ଆଖ୍ୟା ଦିଆଯାଇଥିଲା। ନାଗା ସାଧୁ ୨ ପ୍ରକାରର ଥିଲେ। ଗୋଟିଏ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ଓ ଆଖଡ଼ା ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହୁଥିଲେ। ଅନ୍ୟ ଗୋଷ୍ଠୀର ନାଗା ମଲ୍ଲଯୁଦ୍ଧ ସହ କୁସ୍ତି କସରତ କରୁଥିଲେ। ସେମାନଙ୍କୁ ନାଗାଯାଗା ସାଧୁ କୁହାଯାଉଥିଲା। ନାଗାମାନଙ୍କର ବୀରତ୍ୱକୁ ନେଇ ଶ୍ରୀକ୍ଷେତ୍ରରେ ନାଗା ପୂଜା ଉପାସନା ଆରମ୍ଭ ହୋଇଛି। ତେବେ କେବେଠାରୁ ପୂଜା ବିଧି ଆରମ୍ଭ ହେଲା ତାହାର ବିଧିବଦ୍ଧ ଇତିହାସ ନାହିଁ। ନାଗାମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଏ। ୧୬୪୭ ଖ୍ରୀଷ୍ଟାବ୍ଦ ପରେ ଏହି ନାଗା ଉପାସନା ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ମନେ କରାଯାଏ।

ବାଲିସାହି ଆଖଡାରୁ ଆରମ୍ଭ ହୋଇଥିବା ନାଗା ଉପାସନା ପୁରୀର ସାତସାହି ୪୨କନ୍ଦିର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ବାଲି ସାହି ନାଗାକୁ ଗାଦି ନାଗା ବୋଲି କୁହାଯାଏ। ହିଙ୍ଗୁଳ ଯାଗାର ସମ୍ପାଦକ ଜିତେନ୍ଦ୍ର ମୁଦୁଲି କହିଛନ୍ତି, ନାଗାର ଉଚ୍ଚତା ୧୬ ଫୁଟ। ବାଲିସାହି ନାଗା ସହ ପଞ୍ଜାବର ସମ୍ପର୍କ ରହିଛି। ଯେଉଁ ସମୟରେ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଉପରେ ମୁସଲମାନ ଆକ୍ରମଣ କରିଥିଲେ ସେହି ସମୟରେ ଗୁରୁ ଗୋବିନ୍ଦ ସିଂହଙ୍କ ଶିଷ୍ୟ ବସନ୍ତ ରାଏ ପୁରୀ ଆସିଥିଲେ। ତାଙ୍କର ଦେଉଳ କରଣଙ୍କ ସହ ସାକ୍ଷାତ ହୋଇଥିଲା। ପରେ ବସନ୍ତ ବାଟ ଲୋକନାଥ ନିକଟ ଖଣ୍ଡିଆପଡାରେ ରହି ଯାଗା ଆଖଡାର ଯୁବକମାନଙ୍କୁ ସମର କଳା ପ୍ରଶିକ୍ଷଣ ଦେଇଥିଲେ। ପରେ ହିଙ୍ଗୁଳ ଯାଗାରେ ସେ ନାଗାମୂର୍ତ୍ତି ନିର୍ମାଣ କରିଥିଲେ। ସେବେଠାରୁ ପୁରୀରେ ନାଗା ପରମ୍ପରା ଚାଲି ଆସୁଛି। ନାଗା ବ୍ରହ୍ମଚାରୀ ହୋଇଥିବାରୁ ଶଙ୍ଖୁଡି ଭୋଗ କରାଯାଏନାହିଁ। ମାଜଣା ଯାଗା କୋଷାଧ୍ୟକ୍ଷ ମନୋଜ ମହାନ୍ତି କହିଛନ୍ତି, ମାଜଣା ଯାଗା ନାଗାର ଉଚ୍ଚତା ପ୍ରାୟ ୨୫ ଫୁଟ। ପ୍ରାୟ ୧୬ ପ୍ରକାର ହତିଆର ଧାରଣ କରିଥାନ୍ତି।



ଦେବୀ ମେଳନରେ ନାଗାମେଢ଼।



ଠାକୁରାଣୀଙ୍କୁ ସିଂହଦ୍ୱାର ସମ୍ମୁଖ ଦେବସଭାକୁ ନିଆଯାଉଛି।

# ମହାପ୍ରଭୁଙ୍କ ସୁନାବେଶ, ଆୟୁଧ ପୂଜା

ପୁରୀ, ୨୫।୧୦(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ଦଶହରା ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ଦ୍ୱାରଫିଟା, ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଇଥିଲା। ଶ୍ରୀବିଗ୍ରହମାନଙ୍କୁ ନୂଆ ଲୁଗା ଲାଗି ପରେ ସୁନାବେଶ କରାଯାଇଥିଲା। ବେଶ ସମୟରେ ଶ୍ରୀବିଗ୍ରହମାନଙ୍କୁ ଆୟୁଧ ଲାଗି କରାଯାଇ ନ ଥିଲା। ବେଶ ବଢି ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ସେହିପରି ଦଶହରା ଅବସରରେ ଶ୍ରୀମନ୍ଦିରରେ ଆୟୁଧ ପୂଜା ନୀତି ସମ୍ପନ୍ନ କରାଯାଇଥିଲା। ଏହି ବେଶରେ ପାଞ୍ଚଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ସକାଳଧୂପ ସରିବା ପରେ ଆୟୁଧମାନଙ୍କୁ ମହାସ୍ନାନ ପୂର୍ବକ ବରୁଣ ପୂଜା କରାଯାଇଥିଲା। ପାଳିଆ ମେକାପ ତିନିଟି ରୂପାଥାଳିରେ ଆୟୁଧ ରଖି ତଳୁଛ ଓ ପ୍ରଧାନୀ ସେବାୟତଙ୍କ ସହ ତିନିଥର ବଡ଼ଦେଉଳକୁ ପରିକ୍ରମା କରିବା ପରେ ପୁଷ୍ପାଳକ ବଳଭଦ୍ରଙ୍କ ବାଡ଼ରେ ହଳ ମୂଷଳ, ସୁଭଦ୍ରାଙ୍କ ବାଡ଼ରେ ସୁବର୍ଣ୍ଣ ତଡ଼କୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶଙ୍ଖ ଚକ୍ର ଆୟୁଧ ଲାଗି କରିଥିଲେ। ପରେ ମଦନମୋହନ ଓ ରାମକୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାଖଳାକୁ ବିଜେ କରିବା ନିମନ୍ତେ ବୀର ବେଶ ଧାରଣ କରିଥିଲେ। ପରେ ମଦନ ମୋହନ ଏବଂ ରାମକୃଷ୍ଣଙ୍କ ସହ ଦୁର୍ଗାମାଧବ ଜଗନ୍ନାଥ ବଲ୍ଲଭ ନିକଟକୁ ବିଜେ କରିଥିଲେ। ସେଠାରେ ତିନି ବାଡ଼ରେ ମଙ୍ଗଳାର୍ପଣ କରାଯାଇଥିଲା। ଜଗନ୍ନାଥ ବଲ୍ଲଭ ମଠରେ ଠାକୁରଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନା ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଦଶହରାରେ ଭକ୍ତମାନେ ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ କରିବାର ସୁଯୋଗ ପାଇ ଆଶିଷ ଲାଭ କରିଥିଲେ। ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରି ଭକ୍ତମାନେ ବେଶ ଆନନ୍ଦିତ ହୋଇଥିଲେ। ଦଶହରା ଅବସରରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା।

